ଭୂୟାଁ ସ୍ୱାଭିମାନର ପ୍ରଥମ ଜାଗ୍ରତ ପ୍ରହରୀ

# ଶହୀଦ୍ ରତ୍ନା ନାୟକ



ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଭୁବନେଶ୍ୱର

ଭୂୟାଁ ସ୍ୱାଭିମାନର ପ୍ରଥମ ଜାଗ୍ରତ ପ୍ରହରୀ:

# ଶହୀଦ୍ ରତ୍ନା ନାୟକ


**ସଂକଳକ:**

ଡ଼ଃ. ପରମାନନ୍ଦ ପଟେଲ

**ନିର୍ଦ୍ଦେଶକ :**

ପ୍ରଫେସର (ଡ଼ଃ) ଅଖିଳ ବିହାରୀ ଓତା

**ସଂପାଦକ :**

ଡ଼ଃ. ପ୍ରମୋଦ କୁମାର ପରିଡ଼ା



## ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ

ଭୁବନେଶ୍ୱର

ଭୂୟାଁ ସ୍ୱାଭିମାନର ପ୍ରଥମ ଜାଗ୍ରତ ପ୍ରହରୀ

# ଶହୀଦ ରତ୍ନା ନାୟକ

ନିର୍ଦ୍ଦେଶକ: ପ୍ରଫେସର(ଡ଼ଃ) ଅଖିଳ ବିହାରୀ ଓତା

ସଂକଳକ : ଡ଼ଃ ପରମାନନ୍ଦ ପଟେଲ

ସଂପାଦକ : ଡ଼ଃ ପ୍ରମୋଦ କୁମାର ପରିଡ଼ା

ପ୍ରକାଶକ © : ସଦସ୍ୟ ସଚିବ
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ
ଆଦିବାସୀ ପ୍ରଦର୍ଶନୀ ପଡ଼ିଆ
ୟୁନିଟ୍ -୧, ଭୁବନେଶ୍ୱର - ୭୫୧୦୦୯

ପ୍ରଥମ ପ୍ରକାଶ : ୨୦୦୯

ମୁଦ୍ରଣ : ଭୋଲାନାଥ ପ୍ରେସ୍, ୧୨୦୧/୧୬୦୧,
ବମିଖାଲ, ଭୁବନେଶ୍ୱର-୭୫୧୦୧୦

**BHUNIYA SWAVIMAN RA PRATHAMA JAGRATA PRHARI :**

**SAHID RATNA NAYAK**

Director : Prof.(Dr.) Akhil Bihari Ota

Complior ; Dr. Paramananda Patel

Editor : Dr. Promod Kumar Parida

©Publisher : Member Secretary
Academy of Tribal Languages & Culture
Adivasi Exhibition Ground
Unit-1, Bhubaneswar - 751 009

First Edition : 2009

Printed by : Bholanath Press, 1201/1601,
Bomikhal, Bhubaneswar-10

# ମୁଖବନ୍ଧ

ଓଡ଼ିଶା ଇତିହାସରେ ଅନେକ ଅପ୍ରକାଶିତ ଗୁରୁତ୍ୱପୂର୍ଣ୍ଣ ଘଟଣା ଓ ଚରିତ୍ର ଅଛନ୍ତି। ଇତିହାସ ସେମାନଙ୍କୁ ଭୁଲିପାରିନାହିଁ କିମ୍ବା ଐତିହାସିକ ମାନେ ସେମାନଙ୍କୁ ଲୋକଲୋଚନକୁ ଆଣିପାରିନାହାନ୍ତି।

ଶୋଷିତ ହେବା, ଲାଞ୍ଛନା ଭୋଗ କରିବା, ବେଠି ବେଗାରୀରେ ପୀଢ଼ି ପରେ ପୀଢ଼ି ସମାଜ ରକ୍ଷକମାନଙ୍କର ସେବା କରିବା, ଅକାଳେ ସକାଳେ ଜୀବନର ସକଳ ସାଇତା ସଂପଦ ଭେଟି ଦେବାକୁ ବାଧ ହେବା; ସାଧାରଣ ଜନତାର ଅତି ସ୍ୱାଭାବିକ ଜୀବନଧାରା ଭାବରେ ଦିନେ ଗଣାଯାଉଥିଲା। ରାଜାରାଜୁଡ଼ାଙ୍କ ଶାସନ କାଳରେ ଏହା ହିଁ ଜନତାର ଭାଗ୍ୟଲିପି ଥିଲା; ଓଡ଼ିଶାରେ ଇଂରେଜ ଶାସନ ଅମଳରେ ମଧ୍ୟ ତା'ର କାଣିଚାଏ ପରିବର୍ତ୍ତନ ଦେଖାଦେଇନଥିଲା। ମଣିଷର ଅଧିକାର, ଦାବୀ କଥା ତ ପରର ଚିନ୍ତା, ବଂଚିବା ପାଇଁ ମଧ୍ୟ ସେମାନଙ୍କୁ ଅନ୍ୟମାନଙ୍କର ଇଛା ଓ ଦୟା ଉପରେ ନିର୍ଭର କରିବାକୁ ପଡୁଥିଲା। ସ୍ୱାଭିମାନ ଇତ୍ୟାଦି କଥା ଶୁଣାଥିଲା କି ନାହିଁ ଜଣା ନାହିଁ।

କିନ୍ତୁ ଏଇ ଅବସ୍ଥା ଭିତରୁ ଜଣେ ଜଣେ ଯୋଗଜନ୍ମା ମାଟି ମା'ର କୋଳମଣ୍ଡନ କରିଥା'ନ୍ତି - ଯେଉଁ ମାନଙ୍କର ସତର୍କ ସଚେତନତା ସାଧାରଣ ଜନତାର ହୀତ, ଦାବୀ, ଅଧିକାର ପାଇଁ ଉତ୍ସର୍ଗୀକୃତ ହୋଇଯାଏ। ଜୀବନର ସକଳ ସାଧନାକୁ ଅନ୍ୟର ବଂଚିବାର ଅଧିକାର ଖୋଜିବାରେ ନିୟୋଜିତ କରିଦିଅନ୍ତି ସେମାନେ। ସମାଜର ତଥାକଥିତ ରକ୍ଷକମାନେ ସେମାନଙ୍କୁ କେତେବେଳେ ବିଦ୍ରୋହୀ କୁହନ୍ତି, କେତେବେଳେ ବିପ୍ଳବୀ କୁହନ୍ତି- ସେମାନଙ୍କର ସ୍ପର୍ଦ୍ଧା ଓ ଦୁଃସାହସ ପାଇଁ ଚକିତ ହୁଅନ୍ତି ପୁଣି, ସଂଘବଦ୍ଧ ଭାବରେ ସେହି ସ୍ୱାଧୀନ ଚେତା ବ୍ୟକ୍ତି ଉଠିବା ପାଇଁ  ପ୍ରାୟାସ କରୁଥିବା, ମୁଣ୍ଡ - ସଳଖି ଚାଲିବା ପାଇଁ ପ୍ରେରଣା ଦେଉଥିବା ଅଣ୍ଟାକୁ, ପୁଣିଥରେ ନଇଁବାକୁ ହୁଏ।

ଓଡ଼ିଶା ଇତିହାସରେ ଏହିପରି କାହାଣୀ ବିରଳ ନୁହେଁ। ସାଧାରଣ ଜନତାର ସ୍ୱାର୍ଥ, ଆଗ୍ରହ ଏବଂ ସାମାନ୍ୟ ଆବଶ୍ୟକତାର ପୂରଣ ପାଇଁ ଯେଉଁ ସ୍ୱର ଯେତେ ଉଚ୍ଚ ଏବଂ ତୀବ୍ର ହୋଇ ସମାଜ, ବନଭୂଇଁ ପ୍ରାସାଦ ଇତ୍ୟାଦି ପାଖରେ ପହଂଚିବାକୁ ଚେଷ୍ଟା କରିଛି - ସେ ସ୍ୱରକୁ ଅତି ନିଷ୍ଠୁର ଭାବରେ ଦମନ କରାଯାଇଛି।

ସେହିଭଳି ଜଣେ ସାଲିସ୍ ବିହୀନ ଜୀବନ ଲୋଭୀ ମଣିଷର କଥା ଏଠି କୁହାଯିବାର ଚେଷ୍ଟା କରାଯାଇଛି। ବିସ୍ମୃତିର ବିସ୍ତୃତ ବାଲୁକା ତଳୁ ତାଙ୍କର ଜୀବନ, ସଂଗ୍ରାମ, ଉତ୍ସବ ସ୍ୱପ୍ନ ସବୁର କାହାଣୀକୁ କହି ତାଙ୍କ ପ୍ରତି ଏ ଜାତିର ଶ୍ରଦ୍ଧାଞ୍ଜଳି ଅର୍ପଣ ପାଇଁ ପ୍ରୟାସ କରାଯାଇଛି।

ସେ ଶହୀଦ ରତ୍ନା ନାୟକ। ଜନଶ୍ରୁତିର ଆଧାରରେ ୧୮୨୦ ମସିହାର କେନ୍ଦୁଝର ଗଡ଼ର ଭୂୟାଁପିଢ଼ର ପ୍ରାଣକେନ୍ଦ୍ର ଅଗମ୍ୟ ଅରଣ୍ୟ ବେଷ୍ଟିତ ବାଂଶପାଳ ଠାରେ ଭୂୟାଁପିଢ଼ର ସର୍ଦ୍ଦାର ବଂଶର କୁଳ ଉଜଳ କରି ଜନ୍ମିଥିବା ରତ୍ନା, ଶହୀଦ ରତ୍ନା ନାୟକ ଭାବରେ କେବଠୁ ଅରଣ୍ୟବାସୀ ମାନଙ୍କର ହୃଦୟର ସ୍ପନ୍ଦନ ଭାବରେ ପରିଚିତ ହୋଇଯାଇଛନ୍ତି। ୧୮୪୮ ମସିହାର ଭୂୟାଁ ଜନ ଅସନ୍ତୋଷର ନେତୃତ୍ୱ ସେ ନେଇଥିଲେ। ପୁନଶ୍ଚ ୧୮୬୭ ମସିହାର ସଂଘଟିତ ଅନ୍ୟ ଏକ ଜନ ଅସନ୍ତୋଷର ନେତୃତ୍ୱ ମଧ୍ୟ ଏହି ଉଦ୍ଦାମ ବ୍ୟକ୍ତିତ୍ୱର ଅଧିକାରୀ ରତ୍ନା ନାୟକ ନେଇଥିଲେ। ସାଧାରଣ ଶୋଷିତ ଜନତାର ଦାବୀ ଓ ଅଧିକାର ପାଇଁ ସର୍ଦ୍ଦାର ରତ୍ନା ଲଢ଼େଇ କରି ନ୍ୟସ୍ତ ସ୍ୱାର୍ଥ ରାଜତନ୍ତ୍ର ଓ ସୁବିଧାବାଦୀ ଇଂରାଜୀ ଶାସନ ନିକଟରେ ହାର ମାନିଥିଲେ ସତ; ହେଲେ ନିର୍ଭିକତା, ସଚ୍ଚୋଟତା ସ୍ୱାଭିମାନତାର ଯେଉଁ ନିଦର୍ଶନ ସେ ଦେଖାଇ ଦେଇଥିଲେ, ତାହା ଯୁଗ ଯୁଗ ପାଇଁ ତାଙ୍କୁ ଶହୀଦ ଭାବରେ ପରିଚିତ କରାଉଥିବ ଏବଂ ତାଙ୍କର ସ୍ମୃତି ମଣିଷ ପାଇଁ ଉଷ୍ମତା ଓ ଉତ୍ସର୍ଗର ଆଲୋକ ବର୍ତ୍ତିକା ହୋଇ ରହିଥିବ।

ଅଖିଳ ବିହାରୀ ଓଟା

ସଦସ୍ୟ-ସଚିବ

# ସୂଚିପତ୍ର


| କ୍ର.ସଂ. | ବିଷୟ | ପୃଷ୍ଠା |
|---|---|---|
| | ମୁଖବନ୍ଧ | |
| ୧. | ସେ କାଳର କେନ୍ଦୁଝର | ୧ |
| ୨. | ସଂକ୍ଷିପ୍ତ ଇତିହାସ | ୧ |
| ୩. | ଅଧିବାସୀ | ୮ |
| ୪. | ଭୂୟାଁପିଢ଼ | ୧୧ |
| ୫. | ଭୂୟାଁଜାତି | ୧୩ |
| ୬. | ବିପ୍ଳବର କାରଣ | ୨୩ |
| ୭. | ଶେଷବହ୍ନି | ୨୭ |
| ୮. | ଅନୁଶୀଳନ | ୩୧ |


***

## ସେ କାଳର କେନ୍ଦୁଝର ରାଜ୍ୟ :

ଆଲୋଚ୍ୟ କାଳ, ଓଡ଼ିଶାରେ ଇଂରେଜ ଶାସନର କାଳ। ସେ ସମୟରେ କେନ୍ଦୁଝର ରାଜ୍ୟର ଉତ୍ତରରେ ସିଂହଭୂମ ଜିଲ୍ଲା, ପୂର୍ବରେ ମୟୂରଭଞ୍ଜ ରାଜ୍ୟ ଓ ବାଲେଶ୍ୱର ଜିଲ୍ଲା, ଦକ୍ଷିଣରେ କଟକ ଜିଲ୍ଲା ଓ ଢେଙ୍କାନାଳ ରାଜ୍ୟ ଏବଂ ପଶ୍ଚିମରେ ଢେଙ୍କାନାଳ, ପାଲଲହଡ଼ା ଓ ବଣେଇ ରାଜ୍ୟ। ଏହାର ଆୟତନ ଥିଲା ୩୦୬୯ ବର୍ଗମାଇଲ। ଗଡ଼ଜାତ ରାଜ୍ୟଗୁଡ଼ିକ ମଧ୍ୟରୁ ଏହାର ସ୍ଥାନ ଥିଲା ତୃତୀୟ। କେନ୍ଦୁଝର ରାଜ୍ୟଟିକୁ ଦୁଇ ଭାଗରେ ବିଭକ୍ତ କରାଯାଇଥିଲା। ପ୍ରଥମଟି ଥିଲା ଉପର କେନ୍ଦୁଝର, ଯାହା ପାହାଡ଼ ପର୍ବତ ଅଞ୍ଚଳକୁ ନେଇ ଗଠିତ। ଏହି ଅଞ୍ଚଳରେ ରାଜ୍ୟର ସର୍ବୋଚ୍ଚ ପର୍ବତ ଗନ୍ଧମାର୍ଦ୍ଦନ ଅବସ୍ଥିତ – କେନ୍ଦୁଝର ଗଡ଼ଠାରୁ ୬ ମାଇଲ ଦୂରରେ। ଏହାର ଉଚ୍ଚତା ହେଉଛି ୩୪୬୭ ଫୁଟ। ଦ୍ୱିତୀୟ ଅଞ୍ଚଳକୁ ଆଠଗଡ଼ ବୋଲି କୁହାଯାଉଥିଲା – ଯାହା ବର୍ତ୍ତମାନର ଆନନ୍ଦପୁର ସବ୍‌ଡ଼ିଭିଜନର ଅନ୍ତର୍ଭୁକ୍ତ।

ଜନଶ୍ରୁତି କହେ – ଏହି ଗଡ଼ଜାତର ରାଜା ଜଟି ସିଂହ ଏକ କେନ୍ଦୁବୃକ୍ଷ ପାର୍ଶ୍ୱରେ ବୋହିଯାଉଥିବା ଝର ବା ଝରଣା ତଟରେ ନିଜର ରାଜଧାନୀ ଓ ଦୁର୍ଗ ପ୍ରତିଷ୍ଠା କରିଥିବାରୁ ସେହି ଅଂଚଳ କେନ୍ଦୁଝର ନାମରେ ନାମିତ ହେଲା।

## ସଂକ୍ଷିପ୍ତ ଇତିହାସ:

କେନ୍ଦୁଝରର ଧାରାବାହିକ ଇତିହାସ ଏବେ ମଧ୍ୟ ରହସ୍ୟାବୃତ। ତଥାପି ଏଠାକାର କିମ୍ବଦନ୍ତୀ ଓ କେତେକ ଐତିହାସିକ ତଥ୍ୟକୁ ଆଧାର କରି ସେହି ରାଜ୍ୟର ସୃଷ୍ଟିଠାରୁ ୧୮୬୭ରେ ସଂଘଟିତ ହୋଇଥିବା ଭୂୟାଁ ଅସନ୍ତୋଷ ପର୍ଯ୍ୟନ୍ତ ରାଜନୈତିକ ଇତିହାସ ଉପରେ ଯଥାସମ୍ଭବ ଆଲୋକପାତ କରାଯାଇପାରେ।

ଅଷ୍ଟମ ଶତାବ୍ଦୀର ଭୌମକର ମାନଙ୍କର ରାଜତ୍ୱରେ ଓଡ଼ିଶାରେ ଗଡ଼ଜାତ ରାଜ୍ୟର ସୃଷ୍ଟି। ତନ୍ମଧ୍ୟରୁ କେନ୍ଦୁଝର ଥିଲା ଅନ୍ୟତମ। ମାତ୍ର ସେତେବେଳେ ଏହା ଏକ ସ୍ୱତନ୍ତ୍ର ରାଜ୍ୟ ନଥିଲା। ଏହା ସ୍ୱତନ୍ତ୍ର ରାଜ୍ୟର ରୂପ ନେଇଥିଲା ସପ୍ତଦଶ ଶତାବ୍ଦୀରେ। ତା'ର ପୃଷ୍ଠଭୂମିରେ ଘଟଣାଟି ଥିଲା ନିମ୍ନ ପ୍ରକାରର।

ଖ୍ରୀ: ୧୦୯୮ ମସିହାର କଥା। ସେହି ବର୍ଷ ରାଜପୁତନା ଅନ୍ତର୍ଗତ ଜୟପୁର ରାଜ୍ୟର ସୂର୍ଯ୍ୟବଂଶୀୟ ରାଜା ମାନସିଂହଙ୍କର ଜୟସିଂହ ନାମରେ ଜନୈକ ପୁତ୍ର ପୁରୀକୁ ତୀର୍ଥଯାତ୍ରା କରିବାକୁ ଆସିଥିଲେ। ତାଙ୍କର ରହଣି ସମୟରେ ସେ ପୁରୀ ରାଜାଙ୍କର କନ୍ୟାକୁ ବିବାହ କରି ହରିହରପୁର ନାମକ ଏକ ବିଶାଳ ଭୂଖଣ୍ଡ ଯୌତୁକ ସୂତ୍ରରେ ପାଇଥିଲେ। ପରବର୍ତ୍ତୀ ସମୟରେ ଉପର କେନ୍ଦୁଝର ଓ ମୟୂରଭଞ୍ଜ ଉକ୍ତ ଭୂଖଣ୍ଡର ଅନ୍ତର୍ଭୁକ୍ତ ହୋଇଥିଲା। ସେହି ଜୟସିଂହଙ୍କର ଦୁଇ ପୁତ୍ର ଥିଲେ। ଜ୍ୟେଷ୍ଠପୁତ୍ରର ନାମ ଥିଲା ଆଦି ସିଂହ ଓ କନିଷ୍ଠ ପୁତ୍ର ନାମ ଥିଲା ଜଟି ସିଂହ। ଆଦି ସିଂହ ଯୌବନାବସ୍ଥାରେ ପଦାର୍ପଣ କରିବା ପରେ ଦିନେ ନିଜ ବାହୁବଳରେ ମୟୂରଧ୍ୱଜ ନାମକ ଜଣେ ଦୁର୍ଦ୍ଧର୍ଷ ଓ ଅତ୍ୟାଚାରୀ ରାଜାଙ୍କୁ ଦମନ କରି ପୁରୀ ରାଜାଙ୍କ ଠାରୁ ଭଞ୍ଜ (ଭଞ୍ଜନ ବା ଭାଙ୍ଗିବା) ଉପାଧି ଲାଭ କରିଥିଲେ। ଯାହା କେନ୍ଦୁଝର ଓ ମୟୂରଭଂଜ ରାଜାଙ୍କର ଉପାଧିରେ ପରିଣତ ହୋଇଗଲା। ଇତି ମଧ୍ୟରେ ଆଦି ସିଂହ ଓ ଜଟି ସିଂହଙ୍କର ପିତା ଜୟ ସିଂହ ବାର୍ଦ୍ଧକ୍ୟ ଅବସ୍ଥାରେ ଉପନୀତ ହୋଇଥିଲେ। ମୃତ୍ୟୁ ପୂର୍ବରୁ ସେ ପୁରୀ ରାଜାଙ୍କ ଠାରୁ ପାଇଥିବା ଭୂଖଣ୍ଡଟି ନିଜର ଦୁଇ ପୁତ୍ରଙ୍କ ମଧ୍ୟରେ ବିଭାଜନ କରାଇଥିଲେ। ଜ୍ୟେଷ୍ଠ ପୁତ୍ର ଆଦି ସିଂହ ପାଇଥିଲେ ମୟୂରଭଂଜ ଓ ଅନ୍ୟତମ ପୁତ୍ର ଜଟି ସିଂହକୁ ଦିଆଯାଇଥିଲା କେନ୍ଦୁଝର ନାମରେ କଥିତ ଅଞ୍ଚଳଟି। ଉଭୟ ମଧ୍ୟ ନିଜ ନିଜ ଅଞ୍ଚଳରେ ପ୍ରଥମ କରି ଦୁର୍ଗ ନିର୍ମାଣ କରିଥିଲେ। ଆଦି ସିଂହ ନିର୍ମାଣ କରିଥିଲେ ମୟୂରଭଂଜ ଅନ୍ତର୍ଗତ ହରିହରପୁରଠାରେ ଓ ଜଟି ସିଂହ ନିର୍ମାଣ କରିଥିଲେ ଅନ୍ୟ ଏକ ସ୍ଥାନରେ, ଯାହା କେନ୍ଦୁଝର ନାମରେ କଥିତ ହୋଇଥିଲା। ଏହା ଥିଲା ସମ୍ଭବତଃ ୧୧୨୮ ମସିହାରେ ଘଟଣା। ସେହି ଦୃଷ୍ଟିରୁ କେନ୍ଦୁଝର ରାଜ୍ୟର ସୃଷ୍ଟି ସେହି ସମୟରୁ ବୋଲି କୁହାଯାଇପାରେ ଓ ଏହାର କର୍ତ୍ତା ହେଉଛନ୍ତି, ସେହି ଜଟି ସିଂହ। ମାତ୍ର ସେତେବେଳେ କେନ୍ଦୁଝର ଥିଲା ମୟୂରଭଂଜର ପ୍ରଥମ ରାଜା ଆଦି ସିଂହଙ୍କ ଅଧୀନରେ ଓ ମୟୂରଭଂଜ ରାଜ୍ୟର ଏକ ଅଂଶବିଶେଷ।

ଦିନ ଗଡ଼ି ଚାଲିଥିଲା। କେନ୍ଦୁଝର ରାଜ୍ୟର ଅଧିବାସୀ ମୟୂରଭଂଜ ଯାଇ ରାଜାଙ୍କ ନିକଟରେ ନିଜ ନିଜ ଆପତ୍ତି ଅଭିଯୋଗ ଜଣାଇବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। କାରଣ ସେତେବେଳେ ରାସ୍ତାଘାଟ ନଥିଲା କି ଯାନବାହାନର କୌଣସି ବ୍ୟବସ୍ଥା ନଥିଲା। କେନ୍ଦୁଝର ଥିଲା ଦୁର୍ଗମ ପାହାଡ଼, ପର୍ବତ ଏବଂ ଦିଗନ୍ତ ବିସ୍ତାରୀ ଅରଣ୍ୟରେ ପରିପୂର୍ଣ୍ଣ। ଏହା ଥିଲା ୧୬୦୦ ଖ୍ରୀଷ୍ଟାବ୍ଦର କଥା। ସେହି ବର୍ଷ ବହୁସଂଖ୍ୟକ ଆଦିବାସୀ ବିଶେଷତଃ ଭୂୟାଁମାନେ ମୟୂରଭଂଜ ରାଜାଙ୍କ ନିକଟରେ ଆପତ୍ତି ଜଣାଇଲେ। କେନ୍ଦୁଝରକୁ ଏକ ସ୍ୱତନ୍ତ୍ର ରାଜ୍ୟ ରୂପେ ସ୍ୱୀକୃତି ଦେବା ପାଇଁ। ରାଜା ସେଥିରେ ସମ୍ମତି ପ୍ରଦାନ କରି ନିଜର ସାନ ଭାଇକୁ ପଠାଇଥିଲେ କେନ୍ଦୁଝରର ରାଜା ହେବା ପାଇଁ। ପୁଣି ଆଉ କିଛି କିମ୍ବଦନ୍ତୀ କହେ ଯେ, ଭୂୟାଁମାନେ ମୟୂରଭଂଜ ରାଜପରିବାରର ଜଣେ ଛୋଟ ପିଲାକୁ ଘେରାଇ ଆଣି କେନ୍ଦୁଝର ରାଜଗାଦିରେ ବସାଇଥିଲେ ଏବଂ ସେବେଠୁ କେନ୍ଦୁଝର ଶାସନ; ମୟୂରଭଂଜ ଅଧିନରେ ଆଉ ରହିଲା ନାହିଁ।

ଖ୍ରୀ: ୧୬୦୦ ଠାରୁ ୧୮୦୩ ମସିହାରେ ଇଂରେଜମାନେ ଓଡ଼ିଶା ଅଧିକାର କରିବା ପର୍ଯ୍ୟନ୍ତ କେନ୍ଦୁଝର ରାଜଗାଦିରେ ବହୁ ରାଜା ଅଭିଷିକ୍ତ ହୋଇ ଶାସନ କାର୍ଯ୍ୟ ଚଳାଇଥିଲେ। ବଂଶାନୁକ୍ରମିକ ଶାସନରେ ସବୁ ସମୟରେ ଯୋଗ୍ୟ ବ୍ୟକ୍ତି ସିଂହାସନ ଆରୋହଣ କରିନଥାନ୍ତି। ଏହି ଦୃଷ୍ଟାନ୍ତରେ ଇତିହାସ ପୃଷ୍ଠା ମୁଖରିତ। କେନ୍ଦୁଝର ରାଜ୍ୟ ଭାଗ୍ୟରେ ମଧ୍ୟ ଏହାର ବ୍ୟତିକ୍ରମ ଘଟିନାହିଁ। ସେହି ସମୟରେ ଶାସନ କରିଥିବା ରାଜାଙ୍କ ମଧ୍ୟରୁ ଗୋବିନ୍ଦ ଭଞ୍ଜ ଥିଲେ ଅନ୍ୟତମ। ସେ ଜଣେ ଉତ୍ତମ ଯୋଦ୍ଧା ଭାବେ ପରିଚିତ ଥିଲେ। ପିତାଙ୍କ ସହ କଳି କରି ସେ କେନ୍ଦୁଝର ଛାଡ଼ି ପୁରୀ ରାଜାଙ୍କ ଅଧିନରେ କାର୍ଯ୍ୟ କରୁଥିଲେ। ସେହି ସମୟରେ ତାଙ୍କର ବୀରତ୍ୱ ଓ କର୍ମନିଷ୍ଠାରେ ପ୍ରୀତ ହୋଇ ପୁରୀ ରାଜା ତାଙ୍କୁ ଆଠଗଡ଼ ବା ଆନନ୍ଦପୁର ଦାନ କରିବା ସଙ୍ଗେ ସଙ୍ଗେ ରାଜଗାଦିରେ ବସିବା ପାଇଁ ସାହାଯ୍ୟ କରିଥିଲେ। ପରେ ପରେ କେନ୍ଦୁଝର ରାଜଗାଦିରେ ଅଭିଷିକ୍ତ ହୋଇଥିବା ରାଜାମାନଙ୍କ ମଧ୍ୟରେ ଲକ୍ଷ୍ମୀନାରାୟଣ ଭଞ୍ଜ, ନରସିଂହ ନାରାୟଣ

ଭଞ୍ଜ, ପ୍ରତାପ ବଳଭଦ୍ର ଭଞ୍ଜ ଓ ଜନାର୍ଦ୍ଦନ ଭଞ୍ଜଙ୍କ ଭଳି ବହୁ ନିଷ୍ଠାପର ରାଜାଙ୍କର ଶାସନ କଥା ଜନଶ୍ରୁତିରେ ପ୍ରଚଳିତ।

କେନ୍ଦୁଝର ରାଜ୍ୟରେ ଶାସନ କରିଥିବା ବିଭିନ୍ନ ରାଜାଙ୍କ ମଧ୍ୟରୁ ୨୫ ଜଣ ରାଜାଙ୍କ ଶାସନକାଳ ସଂପର୍କରେ କେତେକ ସୂଚନାକୁ ଆଧାର କରି ନିମ୍ନ ତାଲିକା ପ୍ରସ୍ତୁତ କରିଥିଲେ।

୧. ଜ୍ୟୋତିଭଞ୍ଜ - ୧୧୨୮ରୁ ୧୧୫୮
୨. ଉଦୟ ନାରାୟଣ ଭଞ୍ଜ - ୧୧୫୮ ରୁ ୧୧୭୩
୩. ଜଗତେଶ୍ୱର ଭଞ୍ଜ - ୧୧୭୩ରୁ ୧୧୭୯
୪. ଅନନ୍ତ ନାରାୟଣ ଭଞ୍ଜ - ୧୧୮୧ରୁ ୧୨୩୬
୫. ଚୂନେଶ୍ୱର ଭଞ୍ଜ - ୧୧୩୭ରୁ (ତଥ୍ୟ ଅସମ୍ପୂର୍ଣ୍ଣ)
୬. ସନ୍ତେଶ୍ୱର ଭଞ୍ଜ - ୧୪୧୭ ରୁ ୧୪୩୨
୭. ହାଡୁ ଭଞ୍ଜ - ୧୪୩୩ ରୁ ୧୪୮୦
୮.ଗୋବିନ୍ଦ ଭଞ୍ଜ ୧୪୮୦ରୁ ୧୫୩୪
୯. ବୀରଭଦ୍ର ନାରାୟଣ ଭଞ୍ଜ - ୧୫୩୪ ରୁ୧୫୯୧
୧୦. ଶିବ ନାରାୟଣ ଭଞ୍ଜ - ୧୫୯୧ ରୁ ୧୬୫୪
୧୧. ଲକ୍ଷ୍ମୀନାରାୟଣ ଭଞ୍ଜ - ୧୬୫୪ରୁ ୧୬୮୮
୧୨. ଜଗନ୍ନାଥ ଭଞ୍ଜ - ୧୬୮୮ ରୁ ୧୭୮୦
୧୩. ରଘୁନାଥ ଭଞ୍ଜ - ୧୭୦୦ ରୁ ୧୭୧୯
୧୪. ଗୋପୀନାଥ ଭଞ୍ଜ - ୧୭୧୯ରୁ ୧୭୨୭
୧୫. ନୃସିଂହ ନାରାୟଣ ଭଞ୍ଜ - ୧୭୨୭ରୁ ୧୭୩୬
୧୬. କାମେଶ୍ୱର ଭଞ୍ଜ - ୧୭୩୬ରୁ ୧୭୫୮
୧୮. ଜଗତେଶ୍ୱର ଭଞ୍ଜ - ୧୭୫୮ରୁ ୧୭୬୪
୧୯. ପ୍ରତାପ ବଳଭଦ୍ର ନାରାୟଣ ଭଞ୍ଜ - ୧୭୬୪ରୁ ୧୭୯୪

୨୦. ଯଦୁନାଥ ଭଞ୍ଜ - ୧୭୯୪-୧୮୩୧

୨୧. ବିଶେଶ୍ୱର ଭଞ୍ଜ - ୧୮୩୧ରୁ ୧୮୩୮

୨୨. ଗଦାଧର ନାରାୟଣ ଭଞ୍ଜ - ୧୮୩୮ରୁ ୧୮୬୧

୨୩. ଧର୍ନୁଜୟ ନାରାୟଣ ଭଞ୍ଜ - ୧୮୬୮ରୁ ୧୯୦୫

୨୪. ଗୋପୀନାଥ ନାରାୟଣ ଭଞ୍ଜ - ୧୯୦୭ରୁ ୧୯୨୭

୨୫. ବଳଭଦ୍ର ନାରାୟଣ ଭଞ୍ଜଦେବ - ୧୯୨୭ରୁ ୧୯୪୭

କେନ୍ଦୁଝର ସହରରେ ଏବେ ଅକ୍ଷୁଣ୍ଣ ଅବସ୍ଥାରେ ବିରାଜମାନ ଥିବା ବଳଭଦ୍ରଙ୍କର ମନ୍ଦିରକୁ ନିର୍ମାର କରାଇଥିଲେ, ଲକ୍ଷ୍ମୀନାରାୟଣ ଭଞ୍ଜ। ସେହିପରି ନରସିଂହ ନାରାୟଣ ଭଞ୍ଜ ତାଙ୍କ ରାଜତ୍ୱ କାଳରେ ବିଦ୍ରୋହୀ ପ୍ରଜାଙ୍କୁ ଦମନ କରି ନିଜ ରାଜ୍ୟର ଶାସନଗତ ଶୃଙ୍ଖଳା ପ୍ରତିଷ୍ଠା ପୂର୍ବକ ସଂସ୍କାର ଆଣିଥିଲେ। ପ୍ରତାପ ବଳଭଦ୍ର ଭଞ୍ଜ ତତ୍କାଳୀନ ମୋଗଲ ଶାସକଙ୍କ ନିକଟରୁ କିଛି ତାଲୁକ ଆଣି କେନ୍ଦୁଝର ରାଜ୍ୟର ସୀମା ବୃଦ୍ଧି କରାଇଥିଲେ। ଉକ୍ତ ତାଲୁକ ହେଉଛି ରାଜପୁର ଓ ଯୁଜପଡ଼ା। ପ୍ରତାପ ବଳଭଦ୍ର ଭଞ୍ଜଙ୍କର ମୃତ୍ୟୁ ହୁଏ ୧୭୯୪ ଖ୍ରୀଷ୍ଟାବ୍ଦରେ। ତାଙ୍କ ପରେ କେନ୍ଦୁଝରର ରାଜା ହୁଅନ୍ତି ଯଦୁନାଥ ଭଞ୍ଜ। ସେ ପାଲ୍‌ଲହଡ଼ାର ରାଜକନ୍ୟା କୃଷ୍ଣପ୍ରିୟାଙ୍କୁ ବିବାହ କରି ଉକ୍ତ ରାଜ୍ୟର କିଛି ଅଂଶ ଯୌତୁକ ଭାବରେ ଲାଭ କରିଥିଲେ। ଏହି ଯଦୁନାଥ ଭଞ୍ଜଙ୍କ ରାଜତ୍ୱରେ ଇଂରେଜମାନେ ଓଡ଼ିଶା ଅଧିକାର କରିଥିଲେ, ୧୮୦୩ ଖ୍ରୀଷ୍ଟାବ୍ଦରେ। ଓଡ଼ିଶା ଅଧିକାର କରିବା ପରେ ଓଡ଼ିଶାର ଗଡ଼ଜାତ ରାଜାଙ୍କ ସହ ସେମାନେ ଚୁକ୍ତିପତ୍ର ସ୍ୱାକ୍ଷର କରିଥିଲେ। ଏହି ରାଜାମାନଙ୍କୁ ଏକ ପ୍ରକାର ସ୍ୱାଧୀନତା ଦେବା ସଙ୍ଗେ ସଙ୍ଗେ ତାଙ୍କ ରାଜ୍ୟର ନିରାପତ୍ତା ରକ୍ଷା କରିବା ପାଇଁ ଇଂରେଜମାନେ ପ୍ରତିଶ୍ରୁତିବଦ୍ଧ ହୋଇଥିଲେ। ପ୍ରଥମ କିସ୍ତିରେ ୧୭ଟି ରାଜ୍ୟ ସହିତ ଏକ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇଥିଲା, ୧୮୦୩ ମସିହା ନଭେମ୍ବର ମାସ ୨୩ ତାରିଖ ଦିନ। ମାତ୍ର ସେଥିରେ କେନ୍ଦୁଝର ରାଜ୍ୟ ଅନ୍ତର୍ଭୁକ୍ତ ହୋଇନଥିଲା। କେନ୍ଦୁଝର ସହିତ ଚୁକ୍ତି ହୋଇଥିଲା, ୧୮୦୪ ମସିହା ଡିସେମ୍ବର ୧୬ ତାରିଖ ଦିନ। ଏପରି

ବିଳମ୍ବ ହେବାର କାରଣ ମୂଳରେ ଥିଲେ ପରାକ୍ରମୀ ରାଜା ଯଦୁନାଥ ଭଞ୍ଜ। ସେ ଥିଲେ ସ୍ୱାଭିମାନର ଜଣେ ମୂର୍ତ୍ତିମନ୍ତ ପ୍ରତୀକ।

ଚୁକ୍ତିପତ୍ର ସ୍ୱାକ୍ଷର କରିବା ପାଇଁ ସେ କେବଳ ଅନୁପସ୍ଥିତ ରହିଥିଲେ, ତା' ନୁହେଁ, ସେହି ନଭେମ୍ବର ମାସରେ ଇଂରେଜ କମିଶନରଙ୍କୁ ଏକ ଦରଖାସ୍ତ ଦେଇ ଜଣାଇଥିଲେ ଯେ, ତାଙ୍କ ରାଜ୍ୟ ଅନ୍ୟ ରାଜ୍ୟଗୁଡ଼ିକଠାରୁ ଭିନ୍ନ। ତାଙ୍କର କେତେ ଜମିଦାରୀ ଇଂରେଜ ଶାସନାଧୀନ ମୋଗଲ ବନ୍ଦୀ ଅଞ୍ଚଳରେ ରହିଛି। ତେଣୁ ସେ ସ୍ୱତନ୍ତ୍ର ଶ୍ରେଣୀର ରାଜା। ଅନ୍ୟମାନଙ୍କ ପ୍ରତି ପ୍ରୟୋଗ କରାଯାଇଥିବା ସର୍ତ୍ତ ତାଙ୍କ ପ୍ରତି ପ୍ରୟୋଗ କରିବା ସମୀଚୀନ ହେବ ନାହିଁ। କମିଶନର ତାଙ୍କ ଦରଖାସ୍ତ ସହାନୁଭୂତି ସହ ବିଚାର କରି କେତେକ ରିହାତି ମଞ୍ଜୁର କରିଥିଲେ। ଏହି ମଞ୍ଜୁରୀ ପତ୍ରକୁ ଇଂରେଜମାନେ ରାଜାଙ୍କର ଓକିଲ ପ୍ରସାଦ ଦାସଙ୍କ ଦ୍ୱାରା ଯଦୁନାଥ ଭଞ୍ଜଙ୍କୁ ଜଣାଇବା ପରେ ୧୯୦୪ ମସିହା ଡିସେମ୍ବର ୧୬ ତାରିଖ ଦିନ ଉଭୟ କମିଶନର ଓ ରାଜାଙ୍କ ମଧ୍ୟରେ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇଥିଲା। ସେଥିରେ ଅନ୍ୟ ରାଜ୍ୟ ତୁଳନାରେ କେନ୍ଦୁଝର ରାଜା ଇଂରେଜମାନଙ୍କୁ ଅଳ୍ପ କର ଦେବାର ବ୍ୟବସ୍ଥା ରହିଥିଲା। କେନ୍ଦୁଝର ରାଜ୍ୟର ଆୟତନ ୩୦୯୬ ବର୍ଗମାଇଲ ହୋଇଥିଲେ ମଧ୍ୟ ଏହା ବାର୍ଷିକ ୨୭୯୦ ଟଙ୍କା ଏଗାର ଅଣା ୩ ପଇସା ଏକ ପାହୁଲା କର ଦେବା ପାଇଁ ସ୍ଥିର ହୋଇଥିଲା। ଏହା କେତେ କମ୍ ତା'ର ଏକ ଦୃଷ୍ଟାନ୍ତ ଦିଆଯାଇପାରେ। ଆଠଗଡ଼ ରାଜ୍ୟର ଆୟତନ ଥିଲା ମାତ୍ର ୧୬୮ ବର୍ଗମାଇଲ, କିନ୍ତୁ ଏହାର ବାର୍ଷିକ କର ଥିଲା ୬୪୪୮ ଟଙ୍କା ଅଣା ୭ ପଇସା। ପୁନଶ୍ଚ, ଇଂରେଜ କର୍ମଚାରୀ ବା ସୈନ୍ୟ ଅନ୍ୟ ରାଜ୍ୟକୁ ଗସ୍ତରେ ଗଲେ ତାଙ୍କର ଖାଦ୍ୟପେୟ ବା ରସଦ ବନ୍ଦୋବସ୍ତ କରିବାର ଦାୟିତ୍ୱ ଯେ ସଂପୃକ୍ତ ରାଜ୍ୟର – ଏପରି ସର୍ତ୍ତ ରହିଥିଲେ ମଧ୍ୟ କେନ୍ଦୁଝର ରାଜ୍ୟ ତା'ର ବ୍ୟତିକ୍ରମ ଥିଲା। କେବଳ ସେତିକି ନୁହେଁ, କେନ୍ଦୁଝର ରାଜା ମୋଗଲବନ୍ଦୀ ଅଞ୍ଚଳରେ ଥିବା ଜମିଦାରୀଗୁଡ଼ିକ ଉପରେ କର୍ତ୍ତୃତ୍ୱ ପୂର୍ବପରି ଜାରି କରିପାରିବେ ବୋଲି ଚୁକ୍ତିପତ୍ରରେ ରହିଥିଲା। ଏତେଗୁଡ଼ିଏ ରିହାତି ଦେବା ମୂଳରେ ପ୍ରକୃତ କାରଣ ଥିଲା ଅନ୍ୟପ୍ରକାରର। ଇଂରେଜମାନେ ଥିଲେ ବେଶ୍ ଚତୁର। ନିଜର

ସ୍ୱାର୍ଥରକ୍ଷା କରିବା ଦିଗରେ ସେମାନେ ବିଶେଷ ଯତ୍ନବାନ ଥିଲେ। ସେମାନେ ଉପଲବ୍ଧି କରିଥିଲେ ଯେ କେନ୍ଦୁଝରର ଭୌଗୋଳିକ ଅବସ୍ଥିତି ଇଂରେଜ ଶାସନର ରାଜନୈତିକ ଓ ପ୍ରଶାସନିକ ଦୃଷ୍ଟିରୁ ଖୁବ୍ ଗୁରୁତ୍ୱପୂର୍ଣ୍ଣ। ବଙ୍ଗଳା ଓ ଓଡ଼ିଶାର ସୀମାରେ ଏହା ଅବସ୍ଥିତ। ଆସ୍ଥାନ ଦୃଢ଼ କରି ନଥିବା ଇଂରେଜମାନଙ୍କ ପାଇଁ ଓଡ଼ିଶାର ଏହିଭଳି ଭୌଗୋଳିକ ଗୁରୁତ୍ୱ ସଂପନ୍ନ ରାଜ୍ୟ ବହୁ ବିପଦ ସୃଷ୍ଟି କରିପାରନ୍ତି। ରାଜା ଯଦୁନାଥ ଭଞ୍ଜ ମଧ୍ୟ ଦୁର୍ବଳ ଚେତା ନଥିଲେ। ସମ୍ଭବତଃ କେନ୍ଦୁଝରର ସେହି ଭୌଗୋଳିକ ଅବସ୍ଥିତି ଓ ରାଜାଙ୍କର ପ୍ରତିପତ୍ତି ପାଇଁ ଇଂରେଜମାନେ ଯଦୁନାଥ ଭଞ୍ଜଙ୍କୁ ଏପରି ସ୍ୱତନ୍ତ୍ର ସୁବିଧା ଦେଇଥିଲେ।

ଯଦୁନାଥ ଭଞ୍ଜଙ୍କ ମୃତ୍ୟୁ ପରେ କେନ୍ଦୁଝର ରାଜ୍ୟର ସିଂହାସନ ଆରୋହଣ କରନ୍ତି ଗଦାଧର ନାରାୟଣ ଭଞ୍ଜ। ଗଦାଧର ଭଞ୍ଜ ଥିଲେ ଅତ୍ୟନ୍ତ ଭୀରୁ ଓ ଅପାରଗ। ମାତ୍ର ସ୍ୱାର୍ଥ ସାଧନ ଦିଗରେ ସେ ଥିଲେ ସିଦ୍ଧହସ୍ତ। ଏହି ଗଦାଧର ଭଞ୍ଜ ଇଂରେଜମାନଙ୍କର ଖୁବ୍ ପ୍ରିୟ ହେବା ସଙ୍ଗେ ସଙ୍ଗେ ନିଜର ସ୍ୱାର୍ଥ ସାଧନର ଆଶାୟୀ ହୋଇ ୧୮୫୭ର ମହାନ୍ ଭାରତୀୟ ବିପ୍ଳବରେ ଇଂରେଜମାନଙ୍କୁ ସହାୟତା କରିଥିଲେ। ଏହି ମହାନ୍ ବିପ୍ଳବ୍ ସମୟରେ ଇଂରେଜ ପ୍ରଶାସନ କେନ୍ଦୁଝର ରାଜ୍ୟରେ ଇଂରେଜ ବିରୋଧୀ କାର୍ଯ୍ୟକଳାପର ଆଶଙ୍କା କରିଥିଲେ। କାରଣ ସେତେବେଳକୁ ଗଦାଧର ଭଞ୍ଜ ଭାରତୀୟ ସିପାହୀମାନଙ୍କୁ ସାହାଯ୍ୟ କରିବା ପାଇଁ ନଗରୀ ଭାଷାରେ ଲିଖିତ ଏକ ବେନାମୀ ଚିଠି ପାଇଥିବାର ଖବର ତତ୍କାଳୀନ ବ୍ରିଟିଶ କମିଶନର ଜି.ଏଫ. କକବର୍ଣ୍ଣଙ୍କ ନିକଟରେ ପହଞ୍ଚିସାରିଥିଲା। ଏହି ପରିସ୍ଥିତିରେ ସେ ଗଦାଧର ଭଞ୍ଜଙ୍କର ସହାୟତା ନେବା ପାଇଁ ପ୍ରଲୋଭନର ଆଶ୍ରୟ ନେଇଥିଲେ। ପ୍ରଲୋଭନ ଦେଖାଇ କାର୍ଯ୍ୟ ହାସଲ କରିବା ଦିଗରେ ଇଂରେଜମାନଙ୍କ ସାଫଲ୍ୟ ଭାରତବର୍ଷରେ ଇଂରେଜ ସାମ୍ରାଜ୍ୟର ପ୍ରତିଷ୍ଠାର ବଳିଷ୍ଠ ପ୍ରମାଣ। କମିଶନର କକବର୍ଣ୍ଣ କେତେ ଜଣ ସର୍ଦ୍ଦାରଙ୍କ ଅଧୀନରେ ୫୦୦ ଜଣ ସୁଦକ୍ଷ ପାଇକ ରଇଁବସା ପଠାଇଥିଲେ, ସେଠାରେ ଅବସ୍ଥାପିତ ଇଂରେଜ, ଲେପ୍‌ଟନାଣ୍ଟ ବିରତ୍‌ଙ୍କୁ ସାହାଯ୍ୟ କରିବା ପାଇଁ। ଇଂରେଜମାନଙ୍କ ବିରୁଦ୍ଧରେ ପ୍ରସ୍ତୁତ ହେଉଥିବା

କୋହ୍ଲମାନଙ୍କର ଗତିବିଧି ବିଷୟରେ ସମସ୍ତ ଗୋପନୀୟ ତଥ୍ୟ କେନ୍ଦୁଝରର ରାଜା କମିଶନର କକବର୍ଣ୍ଣଙ୍କ ନିକଟରେ ପ୍ରକାଶ କରିଥିଲେ। ପୁନଶ୍ଚ, ରାଜା ନିଜର ଆନୁଗତ୍ୟର ସଙ୍କେତ ସ୍ୱରୂପ ଇଂରେଜମାନଙ୍କୁ ଏକ ହସ୍ତୀ ପୁରସ୍କାର ଦେଇଥିଲେ। ଖ୍ରୀ: ୧୮୫୮ରେ ବିଦ୍ରୋହ ପ୍ରଶମିତ ହେଲା। ଇଂରେଜମାନେ ନିଜର ବିଜୟ ଧ୍ୱଜ ଉଡାଇଲେ। ତା'ପରେ ଇଂରେଜମାନେ ଅନୁଗତ ଗଦାଧର ନାରାୟଣ ଭଞ୍ଜଙ୍କୁ ମହାରାଜ ଉପାଧିରେ ଭୂଷିତ କରାଇବା ସଙ୍ଗେ ସଙ୍ଗେ ୧୦୦୦ ଟଙ୍କା କର ଛାଡ଼ କରିଦେଇଥିଲେ। ଏଥି ସହିତ ତାଙ୍କର ବେବର୍ତ୍ତା ଚନ୍ଦ୍ରଶେକର ଧଳ ମହାପାତ୍ରଙ୍କୁ ରାୟ ବାହାଦୂର ଉପାଧି ଦେବା ସଙ୍ଗେ ସଙ୍ଗେ ଯାବଜ୍ଜୀବନ ବାର୍ଷିକ ୨୦୦ ଟଙ୍କା ଭତ୍ତା ଦିଆଯାଇଥିଲା। ଏତିକିରେ ଉଭୟ ରାଜା ଓ ବେବର୍ତ୍ତା ନିଜକୁ ଧନ୍ୟ ମନେ କରିଥିଲେ। ସେହି ଉପାଧି ଟିକକ ପାଇବା ଲାଳସାରେ କେତେ ଯେ ରାଜା ଓ ସାମନ୍ତ ଅତୀତରେ ଇଂରେଜମାନଙ୍କର ପଦଲେହନ କରିଛନ୍ତି ତା'ର କଳନା ନାହିଁ। କେନ୍ଦୁଝର ରାଜା ଓ ବେବର୍ତ୍ତା ତା'ର ଅନ୍ୟତମ ଉଦାହରଣ ମାତ୍ର।

**ଅଧିବାସୀ :**

ସେ ସମୟରେ ଭୂୟାଁ, ଜୁଆଙ୍ଗ, ମୁଣ୍ଡା, ହୋ, କୋହ୍ଲ, ବାଥୁଡ଼ି, ସାନ୍ତାଳ, ଗଣ୍ଡ ଇତ୍ୟାଦି ବହୁ ଜନଜାତିର ଲୋକ ସେଠାରେ ବାସ କରୁଥିଲେ। ମାତ୍ର ସବୁ ବିପ୍ଳବରେ ଭୂୟାଁମାନେ ହିଁ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ। ଏହି ଭୂୟାଁ ଶବ୍ଦଟିର ମୂଳ 'ଭୂମି ବା ଭୂଇଁ'ରୁ ଜାତ। ତେଣୁ ସେମାନେ ଭୂମିର ସନ୍ତାନ ବୋଲି ଦାବୀ କରିଥାନ୍ତି। ଭୂୟାଁମାନଙ୍କ ମଧ୍ୟରୁ ଅନ୍ୟ ଗୋଟିଏ ଗୋଷ୍ଠୀ କହିଥାଆନ୍ତି ଯେ, ସେମାନଙ୍କର ପୂର୍ବପୁରୁଷ ଆଲୌକିକ ଭାବେ ଭୂମାତା ଦେହରୁ ବାହାରିଥିଲେ, ତେଣୁ ସେମାନେ ଭୂୟାଁ ବୋଲି କଥିତ ହୋଇଥା'ନ୍ତି। ତେବେ ଭୂୟାଁମାନଙ୍କୁ ସେମାନଙ୍କର ବୃତ୍ତି ଓ ପରିଚିତି ବିପ୍ଳବରେ ୧୪ଟି ଭାଗରେ ବିଭକ୍ତ କରାଯାଏ। ଏମାନେ ମୟୂରଭଞ୍ଜ, ବଣାଇ, ବାମଣ୍ଡା, ପାଲ୍‌ଲହଡ଼ା, ଢେଙ୍କାନାଳ ଏବଂ ସିଂହଭୂମର ବିସ୍ତୀର୍ଣ୍ଣ ଇଲାକାରେ ବସବାସ କରୁଛନ୍ତି। ଏହି ୧୪ଟି ଗୋଷ୍ଠୀ ହେଲେ –

୧. ମାଳଭୂୟାଁ ବା ପାହାଡ଼ି ଭୂୟାଁ
୨. ରାଉତାଲି ଭୂୟାଁ ବା ପରଜା ଭୂୟାଁ
୩. ସାଉଁତାଲି ଭୂୟାଁ
୪. ଦଣ୍ଡସେନା ଭୂୟାଁ
୫. ରାଜକୁଳି ଭୂୟାଁ ବା ବଡ଼ ଭୂୟାଁ
୬. ସାମନ୍ତିଆ ଭୂୟାଁ
୭. ଖଣ୍ଡାୟତ ଭୂୟାଁ
୮. କଟି ଭୂୟାଁ
୯. ନକସିଆ ଭୂୟାଁ
୧୦. ଆକେ ଭୂୟାଁ
୧୧. ଡାକେ ଭୂୟାଁ
୧୨. ରାଇଟସେଗା ଭୂୟାଁ
୧୩. ମୂଷର ଭୂୟାଁ
୧୪. ଘଟୱାର ଭୂୟାଁ

ସେ ଯାହା ହେଉ ନିଜର କାର୍ଯ୍ୟ ଓ ଦାୟିତ୍ୱ ଅନୁସାରେ ଭୂୟାଁଙ୍କୁ ଦୁଇଟି ପ୍ରମୁଖ ଶ୍ରେଣୀରେ ବିଭକ୍ତ କରାଯାଇପାରେ। ଯଥା – ସମତଳ ଭୂୟାଁ ଓ ପାହାଡ଼ି ଭୂୟାଁ। ସମତଳ ଭୂୟାଁମାନେ ରାଜାଙ୍କର ପାଇକ ସୈନ୍ୟ ଭାବେ କାର୍ଯ୍ୟ କରିଥିବା ସ୍ଥଳେ ପାହାଡ଼ି ଭୂୟାଁମାନେ ରାଜାଙ୍କର ଅନୁଚର ହୋଇ ତାଙ୍କ ସହିତ ବିଭିନ୍ନ ଅଞ୍ଚଳକୁ ଯାଇଥାଆନ୍ତି।

ଆଲୋଚ୍ୟ କାଳର କେନ୍ଦୁଝର ରାଜ୍ୟର ଭୂୟାଁମାନେ ବିଭିନ୍ନ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଏହିଭଳି ସାମାଜିକ ପ୍ରସିଦ୍ଧି ଲାଭ ସଂପର୍କରେ ସେମାନଙ୍କ ମଧ୍ୟରେ ଏକ ପ୍ରକ୍ଷିପ୍ତି ରହିଥିବାର ଜଣାଯାଏ। ଖ୍ରୀ. ୧୬୦୦ ରେ ଭୂୟାଁମାନେ ମୟୂରଭଞ୍ଜ ରାଜପରିବାରର ଏକ ଛୋଟ ପିଲାକୁ ଘେରାଇ ଆଣି

କେନ୍ଦୁଝରର ରାଜଗାଦିରେ ବସାଇଥିଲେ। ସେହିଦିନଠାରୁ ସେମାନଙ୍କୁ ପ୍ରଶାସନିକ କ୍ଷେତ୍ରରେ ବିଭିନ୍ନ ସୁବିଧାସୁଯୋଗ ଦିଆ ହୋଇ ଆସୁଥିଲା। ଏପରିକି ଭୂୟାଁମାନେ ରାଜାଙ୍କର ଅଭିଷେକ ଉତ୍ସବରେ ମୁଖ୍ୟ ଭୂମିକା ଗ୍ରହଣ କରୁଥିବାର ଜଣାଯାଏ। କେନ୍ଦୁଝର ବ୍ୟତୀତ ପାଲଲହଡ଼ା ଓ ବଣାଇ ରାଜ୍ୟଗୁଡ଼ିକରେ ରାଜାମାନଙ୍କ ଅଭିଷେକ ଉତ୍ସବ ପାଳିତ ହେବା ପରେ ପାହାଡ଼ି ଭୂୟାଁମାନେ ଗୋଟିଏ ଦିନ ଏକ ସ୍ୱତନ୍ତ୍ର ଉତ୍ସବରେ ରାଜାଙ୍କୁ ଅଭିଷିକ୍ତ କରାଇଥାଆନ୍ତି। ତାହା କରାନଗଲେ ରାଜାଙ୍କର ଅଭିଷେକ ପୂର୍ଣ୍ଣାଙ୍ଗ ହୋଇନଥାଏ। କର୍ଣ୍ଣେଲ ଡାଲଟନ କେନ୍ଦୁଝରର ଜନୈକ ରାଜାଙ୍କର ଭୂୟାଁମାନଙ୍କ ଦ୍ୱାରା ଅଭିଷେକ ଉତ୍ସବର ଏକ ପ୍ରତ୍ୟକ୍ଷଦର୍ଶୀ ବିବରଣୀ ତାଙ୍କ **Descriptive Ethnology of Bengal** ପୁସ୍ତକରେ ପ୍ରଦାନ କରିଛନ୍ତି। ତାହାର ମର୍ମ ନିମ୍ନରେ ଉଦ୍ଧୃତ କରାଗଲା।

"ରାଜାଙ୍କର ଅଭିଷେକ ପାଇଁ ଗୋଟିଏ ଦିନ ସ୍ଥିର ହୋଇଥାଏ। ସେଦିନ ପାହାଡ଼ି ଭୂୟାଁମାନେ ତାଙ୍କର ନେତା ବା ମହାନାୟକଙ୍କ ସହିତ ନିଜର ବାଦ୍ୟଯନ୍ତ୍ରମାନ ଧରି ରାଜାଙ୍କ ପ୍ରସାଦରେ ଉପସ୍ଥିତ ହେଲେ। ତା' ପରେ ମହାନାୟକ ତାଙ୍କ ଗୋଷ୍ଠୀର ଆନୁଗତ୍ୟ ଜଣାଇବା ପାଇଁ ରାଜାଙ୍କୁ ଗୋଟିଏ ଲାଉ ଉପହାର ଦେଲେ। ପରେ ପରେ ମହାନାୟକ ନିଜର ଦୁଇ ଆଣ୍ଠୁ ଓ ଦୁଇ ହାତରେ ଭରା ଦେଇ ଘୋଡ଼ା ପରି ଆଣ୍ଠେଇ ରହିଲେ। ତାଙ୍କ ପିଠି ଉପରେ ରାଜା ବସିବା ପରେ ସେ ତାଙ୍କୁ ରାଜଗାଦି ରଖାଯାଇଥିବା ଘର ଭିତରକୁ ନେଲେ। ଏହି ସମୟରେ ଅନ୍ୟ ଜଣେ ଭୂୟାଁ ନେତା ଦେବୀ ରୂପରେ ପୂଜିତ ହୋଇଥିବା ଗୋଟିଏ ନୂଆ ମାଟି କଳସ ଉପରେ ଫୁଲ ଚଢ଼ାଇଲେ। ସେମାନେ ସିଆଳି ଲତାରେ ତିଆରି କରି ଆଣିଥିବା ଗୋଟିଏ ମୁକୁଟ ରାଜାଙ୍କ ମଥାରେ ରଖିବା ସଙ୍ଗେ ସଙ୍ଗେ ସୀମଲତାରେ ତିଆରି ପଇତାଟିଏ ତାଙ୍କ କାନ୍ଧରେ ରଖିଦେଲେ। ତା' ପରେ ରାଜାଙ୍କ କପାଳରେ ସେ ଲଗାଇଲେ ଚନ୍ଦନ ଟୋପା। ତା'ର ଠିକ୍ ପରେ ଗାଁର ମୁଖିଆ ନିଜକୁ ରଣା ବୋଲି ସମ୍ବୋଧନ କରି ରାଜାଙ୍କ ହାତକୁ ଗୋଟିଏ ଖଣ୍ଡା ବଢ଼ାଇ ଦେଇ କହିଲେ, ଲୋକଙ୍କର ମୁଣ୍ଡ କାଟିବା ପାଇଁ ଆଜି ତୁମକୁ ଅଭିଷିକ୍ତ

କଲି । ତୁମ ଇଚ୍ଛାନୁସାରେ ଯାହା କରିପାରିବ । ତା'ପରେ ସେଠାରେ ଉପସ୍ଥିତ ସବୁ ଭୂୟାଁ ସର୍ଦ୍ଦାର ଚଉଳ, ମୁଗ, ଘିଅ ରଖାଯାଇଥିବା ପାତ୍ର, କ୍ଷୀର, ମହୁ ଓ ଅନ୍ୟାନ୍ୟ ଜିନିଷ ଜଣକ ପରେ ଜଣେ ଛୁଇଁ ରାଜାଙ୍କୁ ଉପହାର ଦେଲେ । ଏହି ଉତ୍ସବରେ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଜଣେ ବ୍ରାହ୍ମଣ ପୁରୋହିତ ସାମବେଦ ମନ୍ତ୍ର ଉଚ୍ଚାରଣ କରୁଥିଲେ ।"

ଉପରୋକ୍ତ ବର୍ଣ୍ଣନାରୁ ଭୂୟାଁମାନଙ୍କର ସାମାଜିକ ପ୍ରତିଷ୍ଠା ଓ ଅନ୍ୟାନ୍ୟ ପ୍ରଜାତିର ଅଧିବାସୀଙ୍କ ଠାରୁ ସେମାନଙ୍କର ସ୍ୱାତନ୍ତ୍ର୍ୟର ବିବରଣୀ ଜାଣିହୁଏ ।

## ଭୂୟାଁପିଢ:

ଅରଣ୍ୟ ନିବାସୀ ବିଭିନ୍ନ ଜନଜାତିର ଲୋକେ ନିଜ ନିଜର ସ୍ୱାତନ୍ତ୍ର୍ୟ ବଜାୟ ରଖିବା ପାଇଁ; ଜାତିଗତ ଆଭ୍ୟନ୍ତରଣ ଶୃଙ୍ଖଳା ରକ୍ଷା ପାଇଁ ସାମାଜିକ ସ୍ଥିତାବସ୍ଥାର ସୁରକ୍ଷା ପାଇଁ ଜାତିଭିତ୍ତିରେ ଐକ୍ୟବୃଦ୍ଧି ହୋଇ ଏକ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ବାସ କରିଥା'ନ୍ତି, ଭୂୟାଁ ଓ ଜୁଆଙ୍ଗମାନଙ୍କର ଏହି ବସତିକୁ ପିଢ଼ କୁହାଯାଏ ।

ଗଡ଼ଜାତ ଶାସନ ସମୟରେ ୪୫୬ ବର୍ଗମାଇଲ ପରିମିତ ଜୁଆଙ୍ଗ ପୀଢ଼ ଓ ଭୂୟାଁ ପିଢ଼କୁ ଆଭ୍ୟନ୍ତରୀଣ ଶାସନଗତ ସୁବିଧା ପାଇଁ ସାମାଜିକ ଚଳଣୀକୁ ଆଧାର କରି ୧୨ ଗୋଟି ପୀଢ଼ରେ ବିଭକ୍ତ କରାଯାଇଥିଲା । ସେଥି ମଧ୍ୟରୁ ୯୦ଟି ଗ୍ରାମରେ ଐକ୍ୟବଦ୍ଧ ଭାବରେ ବସବାସ କରୁଥିବା ଭୂୟାଁମାନଙ୍କୁ ୬ଟି ପିଢ଼ରେ ବିଭକ୍ତ କରାଯାଇଥିଲା । ନିମ୍ନମତେ ସୂଚୀତ ଗ୍ରାମମାନଙ୍କ ସହୟତାରେ ସଂପୃକ୍ତ ପିଢ଼ ଗଠିତ ହୋଇଥିବାର ଜଣାଯାଏ ।

୧- ଋରିଗଡ଼ - ୧୮ ଗ୍ରାମ ବିଶିଷ୍ଟ

୨- ଶ୍ରୀଖଣ୍ଡ - ୧୦ ଗ୍ରାମ ବିଶିଷ୍ଟ

୩- ସରଖଣ୍ଡ - ୧୪ ଗ୍ରାମ ବିଶିଷ୍ଟ

୪- ପଞ୍ଚଖଣ୍ଡ - ୧୧ ଗ୍ରାମ ବିଶିଷ୍ଟ

୫- ଝାରଖଣ୍ଡ - ୧୭ ଗ୍ରାମ ବିଶିଷ୍ଟ

୬- ଆଠଶ - ୨୦ ଗ୍ରାମ ବିଶିଷ୍ଟ

ଏହିପରି ମୋଟ ୯୦ ଗ୍ରାମରେ ଭୂୟାଁ ସମାଜ ପ୍ରତିଷ୍ଠିତ ହୋଇଥିଲା । ଉକ୍ତ ସମାଜରେ ରୀତିନୀତି ଅତି ସରଳ, ନିରାଡ଼ମ୍ବର ଥିଲା । ରାଜନୈତିକ ଓ ସାମାଜିକ ପ୍ରତିଷ୍ଠାକୁ ବିଚାର କରି ଭୂୟାଁମାନେ ଅଧିକ ପ୍ରତିଷ୍ଠିତ ହୋଇଥିବା ହେତୁ ଏହି ଭୂୟାଁ ପୀଢ଼ ସହିତ ଛଅଗୋଟି ଜୁଆଙ୍ଗ ପିଢ଼ ମଧ୍ୟ ସାମିଲ ହୋଇଥିଲେ । ସେହି ପୀଢ଼ଗୁଡ଼ିକ ହେଲା:

୧- କାଠୁଆ - ୧୧ ଗ୍ରାମ

୨- ସାତଖଣ୍ଡିଆ - ୮ ଗ୍ରାମ

୩- ଝାରଖଣ୍ଡ - ୧୬ ଗ୍ରାମ

୪ - ହୁଣ୍ଡା - ୬ ଗ୍ରାମ

୫- ରେବଗା - ୧୦ ଗ୍ରାମ

୬ - ଘରିଗଡ଼ - ୫ ଗ୍ରାମ

ଏହିପରି ୫୬ଟି ଜୁଆଙ୍ଗ ପିଢ଼, ଭୂୟାଁ ପିଢ଼ ସହିତ ସାମିଲ ହୋଇ ଗୋଟିଏ ରୀତିନୀତିରେ ଚଳାଚଳ କରୁଥିଲେ ।

ପ୍ରତ୍ୟେକ ପିଢ଼ ଅଧୀନରେ କେତେକ ଗ୍ରାମ ଥିଲା ଏବଂ ପ୍ରତ୍ୟେକ ପିଢ଼ ପାଇଁ ଜଣେ ସର୍ଦ୍ଦାର ଏକ ବା ଏକାଧିକ ଗ୍ରାମ ପାଇଁ ଜଣେ ଜଣେ ପ୍ରଧାନ ନିଯୁକ୍ତି ଥିଲେ । ଉଭୟ ପିଢ଼ର ଗ୍ରାମ ସଂଖ୍ୟା ଥିଲା ୧୪୬ । ଏହି ଗ୍ରାମଗୁଡ଼ିକ ବ୍ୟତୀତ ନିମ୍ନଲିଖିତ ୧୯ ଗ୍ରାମର ପୃଥକ ସୀମା କିମ୍ବା ସ୍ୱତନ୍ତ୍ର ବାସସ୍ଥଳୀ ଓ ଋଷଜମି ନଥିବାରୁ ସ୍ୱତନ୍ତ୍ର ଗ୍ରାମ ରୂପେ ପରିଗଣିତ ହେଉ ନଥିଲା ।

୧. ମୟୂର ଡିହ

୨. ନୂଆ ସାହି

୩. ଯାଲି ବେଢ଼ା

୪. ଉପର ରାଇଗୋଡ଼ା

୫. ତୋରାଣି ପାଣି
୬. ରୁଗୁଡ଼ି
୭. ଉପରସୁ ମଠ
୮. ବଡ଼ରଢୁଆଁ
୯. ତଳ ଚମ୍ପେଇ
୧୦. ନିତି ଗୋଠ
୧୧. ଉପର କମ୍ପଡ଼ିହି
୧୨. ପୋଡ଼ା ଡିହି
୧୩. ଲୁନା ଘର
୧୪. ଗୋବିନ୍ଦପୁର
୧୫. ତଳନଡ଼ାମ
୧୬. ବୈତରଣୀ
୧୭. ଗୋଳିଆ ବନ୍ଧ ରାଇଡ଼ିହା
୧୮. ଗନ୍ଦପଶି
୧୯. ବାଙ୍କୁଡ଼ା (ବୁଢ଼ାଖମଣ)

ଏ ସମସ୍ତ ଗ୍ରାମଗୁଡ଼ିକ ଜଙ୍ଗଲ ପରିବେଷ୍ଟିତ ଗ୍ରାମ ଥିଲା। ଅଳ୍ପମାତ୍ରାରେ ଭୂୟାଁମାନଙ୍କୁ ଏଗୁଡ଼ିକରେ ଦେଖିବାକୁ ମିଳୁଥିଲା।

## ଭୂୟାଁ ଜାତି:

ଭଞ୍ଜ ରାଜ୍ୟ ଗଠନ ଏବଂ ଭଞ୍ଜ ରାଜ୍ୟ ପ୍ରତିଷ୍ଠାରେ ଭୂୟାଁମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବାରୁ ସେମାନେ ରାଜନୈତିକ ଓ ସାମାଜିକ ଦୃଷ୍ଟିରୁ ଅଗ୍ରଗଣ୍ୟ ଜାତି ଭାବରେ ପରିଚିତ ଥିଲେ। ରାଜାଙ୍କୁ ସିଂହାସନରେ ବସାଇ ଅଭିଷେକ କରାଇବା ଥିଲା ସେମାନଙ୍କର ଜାତିଗତ ଅଧିକାର। ସାମାନ୍ୟ ଜାତିଗତ ସ୍ୱାଭିମାନ, ସମ୍ମାନ ଆଦି ବ୍ୟତୀତ ସେମାନେ ରାଜଦରବାରରୁ ଅନ୍ୟ କୌଣସି ସୁବିଧା ନେଉନଥିଲେ ବା ମାଗୁନଥିଲେ। ଅଭିଷେକ ବେଳେ ଭୂୟାଁ ସରଦାରମାନଙ୍କୁ ରାଜାଙ୍କ ତରଫରୁ ଡ଼ାକରା ପଡ଼ିବା ବା ଭୂୟାଁ ପୀଢ଼ରେ ଭୂୟାଁ ନିଯୁକ୍ତି କରିବା ଭଳି କାର୍ଯ୍ୟ ଏକ ପରଂପରାରେ ପରିଣତ ହୋଇସାରିଥିଲା। ଏହି ପ୍ରଥା ଔପଚାରିକ ଥିଲା, ଏଭଳି ରାଜନୈତିକ ପ୍ରତିଷ୍ଠା ବୋଧର ଦୁରୁପଯୋଗ କରି କୌଣସି ଭୂୟାଁ ସର୍ଦ୍ଦାର କିଛି ଅନୈତିକ ସୁବିଧା, କିଛି ଅଯଥା ରାଜାନୁଗ୍ରହ ଗ୍ରହଣ କରିବା ଉଦାହରଣ ହିଁ ନାହିଁ। ମାତ୍ର ଅପରପକ୍ଷ ବିଭିନ୍ନ ପ୍ରକାର ତୋଷାମଦ ଋଟୁ କରି ଦରବାରରୁ ଅଣ ଜନଜାତି

ସମ୍ପ୍ରଦାୟର ସ୍ୱାର୍ଥନ୍ୱେଷୀମାନେ ବିଭିନ୍ନ ରାଜାନୁଗ୍ରହ ହାସଲ କରି ନେଇଥିଲେ । ସେ ଗୁଡ଼ିକ ହେଲା ।

୧. ନିଷ୍କର ଲାଖରାଜସ୍ୱତ୍ୱ
୨. ଦକ୍ଷିଣା
୩. ଖଇରାତ ଓ ଖଞ୍ଜା
୪. ଖରପୋଷଓ ଖୋରାକ ପୋଷାକ
୫. ପାନପିକ-ନିଷ୍କର ପାନପିକ, ଟଙ୍କି ପାନପିକ
୬. ଦତ୍ତ ନିଷ୍କର
୭. ନିଷ୍କର ଜାଗିରି
୮. ମହାତ୍ରାଣ
୯. ପାଇକ ଜାଗିରି
୧୦. ଗଡ଼ନାୟକ ଜାଗିରି
୧୧. ଚଉକିଦାର ଜାଗିରି
୧୨. କୁମ୍ଭାରଡ଼ିହ ଜାଗିରି
୧୩. ନିଷ୍କର ଡ଼ିହ
୧୪. ସାସମଲ ଜାଗିରି
୧୫. ଖର୍ପୋସ ଜାଗିରି
୧୬. ଟଙ୍କି ଜାଗିରି
୧୬. ଚଲା ଓ ରକ୍ତପଟା ଜାଗିରି

ବିନା ପରିଶ୍ରମ, ବିନା ତ୍ୟାଗରେ ଏହି ନ୍ୟସ୍ତ ସ୍ୱାର୍ଥଗୋଷ୍ଠୀ ଓ ନିମ୍ନଲିଖିତ ଜାଗିରସ୍ୱତ୍ୱଗୁଡ଼ିକୁ ମଧ୍ୟ ହାସଲ କରିନେଲେ :

୧. ନିଷ୍କର କ୍ଷୁଦ୍ରଦାନ
୨. ନିଜ ଋଷ କ୍ଷୁଦ୍ର ଦାନ
୩. ବ୍ରହ୍ମୋତ୍ତର ନିଷ୍କର କ୍ଷୁଦ୍ରଦାନ
୪. ଖଇରାତି ନିଷ୍କର
୫. ମଧ୍ୟ ସ୍ୱତ୍ୱାଧିକାରୀ
୬. ଚଲାଟଙ୍କି
୭. ରକ୍ତପାଟ ଟଙ୍କି
୮. ଗୋଋରଣ ଦାନ ନିଷ୍କର
୯. ଚନ୍ଦ୍ରଗ୍ରହଣ ଦାନ ନିଷ୍କର
୧୦. ମୃତ୍ୟୁ ପଞ୍ଚକ ଦାନ ନିଷ୍କର
୧୧. ବ୍ରତଦେବୀ ଦାନ ନିଷ୍କର
୧୨. ମନ୍ତ୍ର ଦକ୍ଷିଣା ଦାନ ନିଷ୍କର
୧୩. ଏକାଦଶାହ ଦାନ ନିଷ୍କର
୧୪. ଚଲା ନିଷ୍କର
୧୫.କୁଶୋଦକ ଦାନ ନିଷ୍କର
୧୬. ସୂର୍ଯ୍ୟୋପରାଗ ଦାନ ନିଷ୍କର
୧୭. ଅଭୟମୁଖା ଦାନ ନିଷ୍କର
୧୮. ରୟତି ମଧ୍ୟ ସତ୍ୱାଧିକାର

୧୯. ବଲ୍ଲଭ ଗୁରୁ ଦକ୍ଷିଣା
୨୦. ବୈତରାଣୀ ଦାନ ନିଷ୍କର
୨୧.ଦେଉଳ ପ୍ରତିଷ୍ଠା
୨୨. ଭାରତଭ୍ରମଣ ଦକ୍ଷିଣାଦାନ ନିଷ୍କର
୨୩. ମଧ୍ୟ ସ୍ୱତ୍ୱାଧିକାରୀ ବାବଦ ରୟତି
୨୪. ଟଙ୍କି ଜାଗିରୀ
୨୫. ଖୋରାକ ପୋଷାକ ନିଷ୍କର
୨୬. ନିଷ୍କର ଦେବୋତ୍ତର
୨୭. ନିଜଗଡ଼ ବଳଦେବ ଜୀଉ
୨୮. ପୀରୋତ୍ତର
୨୯. ଦେବୋତ୍ତର ଟଙ୍କି
୩୦. ପୀତ ଭୋଗନିଷ୍କର
୩୧. ଗଙ୍ଗୋଦକ ଦାନ
୩୨. ଗୋମୁଖୀ
୩୩. ନବଚଳନଦାନ
୩୪. ଖଇରାତ
୩୫.ଖଞ୍ଜା
୩୬. ବ୍ରହ୍ମୋତ୍ତର ଟଙ୍କି
୩୭. ଖରିଦା ଦାନ ନିଷ୍କର
୩୮. ଯୋଗୀ ମହାନ୍ତି ଜାଗିରୀ
୩୯. ମହାଦେବ ଦାନ ନିଷ୍କର
୪୦. ଖରିଦା ଦାନ
୪୧. ନିଷ୍କର ଚକଡ଼ା ଦାନ

ରାଜଛତ୍ର ସହ ଓତଃପ୍ରୋତଃ ଭାବେ ଭୂୟାଁମାନେ ଜଡ଼ିତ ଥିଲେ ମଧ୍ୟ ଉପରୋକ୍ତ ଅଯାଚିତ ସୁବିଧା ସୁଯୋଗ ପ୍ରତି ସେମାନଙ୍କର ସାମାନ୍ୟତମ ଆଗ୍ରହ ନଥିଲା ଏବଂ ସେମାନେ ନିଜ ଚିନ୍ତା ଅପେକ୍ଷା ରାଜ୍ୟର ସମୁହ ଚିନ୍ତା ବିଚାର କରୁଥିଲେ। ରାଜଂବଶ ପ୍ରତିଷ୍ଠାତା ଭାବେ ସେମାନଙ୍କର ଥିଲା ଉଚ୍ଚ ସ୍ୱାଭିମାନ। ଯାହାଫଳରେ ସେମାନେ ରାଜବଂଶ ଲୋକମାନଙ୍କ ସହ ଅତି ନିବିଡ଼ ସଂପର୍କ ରଖିଥିଲେ। ଆଦିମ ଅଧିବାସୀ ସମାଜର ଶୃଙ୍ଖଳା ଓ ସାମାଜିକ ବିଚାର ବୁଦ୍ଧି କେତେ ଉଚ୍ଚକୋଟୀର ଥିଲା, ତାହା ଭୂୟାଁମାନଙ୍କର ଏହି ସ୍ୱାଭିମାନ ପଣିଆରୁ ଜଣାପଡ଼େ।

ଭୂୟାଁ କାହାରି ଅଧିନତା ସ୍ୱୀକାର କରେ ନାହିଁ। ସେ ସ୍ୱାଧୀନତା ପ୍ରିୟ। ସେମାନଙ୍କ ପାଖରେ ହୀନମନ୍ୟତା ନଥାଏ, ସେମାନେ ରାଜାଙ୍କୁ ମନେ କରୁଥିଲେ ଧର୍ମାବତାର। ରାଜାଙ୍କର ତାଳପତ୍ର ଲିଖିତ ଆଦେଶ ଥିଲା ମୁଠା ଆଜ୍ଞା। ଭୟାଁମାନଙ୍କ ଦ୍ୱାରା ଅରଣ୍ୟଜାତ ପଦାର୍ଥରେ ରାଜାମାନେ ଅଭିଷିକ୍ତ ହୁଅନ୍ତି। ଅଭିଷେକ ପୂର୍ବରୁ

ଭାବି ରାଜାଙ୍କୁ ପିଠିରେ ଲାଉ କରି ବୋହି ଆଣିବା, ଚକାସନରେ ବସି ତାଙ୍କୁ କୋଳରେ ବସାଇବା, ଶିଆଳି ପତ୍ରର ଛତ୍ର ଧାରଣ କରିବା, ଶିଆଳୀ ଲଟିର ପାଟ ଶାଢ଼ୀ ବାନ୍ଧିବା, ରାଜାଙ୍କ ସମ୍ମୁଖରେ ନତମସ୍ତକ ହେବା, ଭୂୟାଁ ଏବଂ ରାଜା ସାତଥର ଛୁରୀ ସ୍ପର୍ଶ କରିବା ଅର୍ଥାତ୍ ପ୍ରାଣଦଣ୍ଡ ଦେବାର ଅଧିକାର ଗ୍ରହଣ କରିବା ଏବଂ ସବିଶେଷରେ ହାମୁଡ଼େଇ ପିଠିରେ ରାଜାଙ୍କୁ ବସାଇ ରାଜ ବସତି ପରିକ୍ରମା କରିବା ହେଉଛି ରାଜା ଏବଂ ଭୂୟାଁମାନଙ୍କ ମଧ୍ୟରେ ଅଲିଖିତ ସ୍ୱୀକୃତିନାମା। ଏହା ହିଁ ହେଲା ଭଞ୍ଜ ଦରବାରର ଚିରାଚରିତ ପ୍ରଥା।

ରାଣୀଙ୍କ ପ୍ରତି ଭୂୟାଁମାନଙ୍କ ଆତ୍ମୀୟତା, ମାନ୍ୟତା, ଶୁଭେଚ୍ଛା, ଶ୍ରଦ୍ଧା ଓ ବଚନବଦ୍ଧତା ଦେଖିବାର କଥା। ସେତେବେଳେ କେଉଁଝରର ଉତ୍ତରାଞ୍ଚଳ ଥିଲା କେନ୍ଦୁଝର ରାଜ୍ୟ। ପରବର୍ତ୍ତୀ କାଳରେ ଜ୍ୟୋତିଭଞ୍ଜଙ୍କ ଶାସନ କାଳରୁ ଶାସନ ସୁରକ୍ଷା ଓ ଧର୍ମ କାର୍ଯ୍ୟ ପାଇଁ ବ୍ରାହ୍ମଣ କରଣ ବା ଖଣ୍ଡାୟତ ଆଦି ଲୋକଙ୍କୁ ନିଷ୍କର ଭୂମି ଦେଇ ସେ ରାଜ୍ୟରେ ରଖାଇଲେ। ତଥାପି ସେ ରାଜା ସିଂହାସନରେ ବସିବା ସମୟରେ ଭୂୟାଁମାନଙ୍କୁ ମାଟିର ସନ୍ତାନ ବୋଲି ସ୍ୱୀକୃତି ଦେବା ସଙ୍ଗେ ସଙ୍ଗେ କେତେକ ସ୍ୱତନ୍ତ୍ର ଅଧିକାର ପ୍ରଦାନ କରିଥିଲେ। ତଦନୁଯାୟୀ ଭୂୟାଁମାନେ ଥିଲେ ପ୍ରଥମ ଶ୍ରେଣୀ ପ୍ରଜା। ପ୍ରତ୍ୟେକ କ୍ଷେତ୍ରରେ ଅଗ୍ରାଧିକାରୀ। ରାଜ୍ୟ ଶାସନ କ୍ଷେତ୍ରରେ ଭୂୟାଁ ପୀଢ଼ର ସର୍ଦ୍ଦାରମାନେ ନିଯୁକ୍ତି ପାଆନ୍ତି ଏବଂ ସେମାନଙ୍କର ସର୍ବପ୍ରଧାନ କାର୍ଯ୍ୟ ହେଲା ରାଜସ୍ୱ ସଂଗ୍ରହ। ଏହି ସଂଗୃହୀତ ରାଜସ୍ୱର କିଛି ଅଂଶ ସେମାନେ ପ୍ରାପ୍ୟ ହିସାବରେ ପାଇଥାନ୍ତି। ଏହା ସତ୍ତ୍ୱେ ସର୍ଦ୍ଦାରମାନେ ଦୁର୍ନୀତି ପରାୟଣ ହେଲେ ରାଜାଙ୍କର ସେମାନଙ୍କୁ କାର୍ଯ୍ୟରୁ ଅନ୍ତର କରିବାର ଅଧିକାର ଥିଲା। ଭଞ୍ଜବଂଶର ରାଜା ଏବଂ ଭୂୟାଁମାନଙ୍କ ମଧ୍ୟରେ ଏ ସଂପର୍କ ଅନେକ ବର୍ଷ ଧରି ରହିଥିଲା। ରାଜଦରବାରେ ଭୂୟାଁମାନଙ୍କର ଏହି ସ୍ଥାନ ପାଇଁ ସେମାନେ ଗର୍ବୀତ ଥିଲେ ମଧ୍ୟ ଅଯାଚିତ ରାଜ ଅନୁଗ୍ରହ ଠାରୁ ସେମାନେ ଯଥେଷ୍ଟ ଦୂରରେ ଥିଲେ।

ସନ୍ ୧୧୨୮ରୁ ୧୬୫୪ ଯାଏ କେନ୍ଦୁଝରର ରାଜା ଏବଂ ପ୍ରଜାମାନଙ୍କ ମଧ୍ୟରେ କୌଣସି ଦ୍ୱନ୍ଦ୍ୱ, ମନାନ୍ତର ବା ଅସନ୍ତୋଷ ନଥିଲା। କାରଣ ରାଜାମାନେ ଦରବାରର ଚିରାଚରିତ ପ୍ରଥା ଅନୁସରଣ କରି ଚାଲିଥିଲେ, ରାଜା ଅତ୍ୟାଚାରୀ ନଥିଲେ। କେତେକ ଭୋଗବିଳାସରେ ରହିବା ବା କେତେଜଣ ଉଦାସ ରହିବା ବ୍ୟତୀତ ପ୍ରଶାସନରେ କୌଣସି ବ୍ୟତିକ୍ରମ ନଥିଲା। ତେଣୁ ଜନଅସନ୍ତୋଷ ନଥିଲା। ପ୍ରଶାସନ ପ୍ରଜା ପୀଡ଼କ ନଥିଲେ। ମୁଖ୍ୟତଃ ରାଜସ୍ୱ ଆଦାୟ ଏବଂ ପ୍ରଜାମାନଙ୍କର ଆବଶ୍ୟକ ଲୋକହିତକର କାର୍ଯ୍ୟ ସଂପାଦନ ସୁଚାରୁ ରୂପେ ହେଉଥିଲା।

ଏ ରାଜ୍ୟରେ ରାଜା ଓ ଭୂୟାଁମାନେ ନିଜ ନିଜର କର୍ତ୍ତବ୍ୟ, ଦାୟିତ୍ୱବୋଧ, ଉତ୍ସର୍ଗ ଏବଂ ବୁଝାମଣା କ୍ଷେତ୍ରରେ କେହି କାହାର ସୀମାଲଂଘନ ପାଇଁ ଇଚ୍ଛା କରୁ ନଥିବାରୁ ସବୁ ଠିକ୍ ଠାକ୍ ଚାଲିଥିଲା। ମାତ୍ର ଅତି ସାମାନ୍ୟ କେତେକ କାରଣରୁ ଏହି ଭୂୟାଁମାନଙ୍କ ପ୍ରତି ପୀଢ଼ର ସର୍ଦ୍ଦାରମାନଙ୍କ ପ୍ରତି ରାଜାଙ୍କର ଦୃଷ୍ଟି ଏବଂ ବିଶ୍ୱାସରେ ପରିବର୍ତ୍ତନ ଦେଖାଦେଲା। ଯାହା ପରବର୍ତ୍ତୀ କାଳରେ ସ୍ୱାଭିମାନୀ ଭୂୟାଁମାନଙ୍କର ଧୈର୍ଯ୍ୟ ଏବଂ ସହନଶୀଳତାକୁ ଅତିକ୍ରମ କଲା। ଫଳରେ ଅବୁଝାମଣା, ଭୁଲ୍ ବୁଝାମଣା, ଈର୍ଷା, ପ୍ରତିଶୋଧ ଇତ୍ୟାଦିର ଶୀକାର ହୋଇ ଭୂୟାଁ ଓ ରାଜାଙ୍କର ସଂପର୍କ ତିକ୍ତତ ହୋଇ ଉଠିଲା।

ସେଥି ମଧ୍ୟରୁ ପ୍ରଥମ ହେଲା - ଭୂୟାଁ ପିଢ଼ରେ ପାଇକାଳୀ ବ୍ୟବସ୍ଥା ପ୍ରଚଳନ। ରାଜା ପ୍ରତାପ ବଳଭଦ୍ର ନାରାୟଣ ଭଂଜ- ୧୭୬୪-୧୭୯୪ ଯାଏ କେନ୍ଦୁଝରର ଶାସନ ଦାୟିତ୍ୱରେ ଥିଲାବେଳେ ସାମାନ୍ୟ ଏକ ବୈବାହିକ ସଂବନ୍ଧ ଲାଗି ବାମଣ୍ଡା ସହ ଯୁଦ୍ଧରେ ବ୍ୟାପୃତ ହେଲେ। ପୁଣି ମରହଟ୍ଟାମାନେ ଢେଙ୍କାନାଳ ଆକ୍ରମଣ ସମୟରେ କେନ୍ଦୁଝର ରାଜା ବଳଭଦ୍ର ନାରାୟଣ ମରହଟ୍ଟାମାନଙ୍କର ସହାୟତା କରିଥିଲେ। ମରହଟ୍ଟାମାନେ ଚାଲିଯିବା ପରେ ଢେଙ୍କାନାଳ ଓ କେନ୍ଦୁଝର ମଧ୍ୟରେ ପୁଣି ଯୁଦ୍ଧ ସଂଘଟିତ ହେଲା। ଫଳରେ ଭୂୟାଁପିଢ଼ମାନଙ୍କ ସହିତ ରାଜାଙ୍କର

ପୂର୍ବ ସୌହାର୍ଦ୍ଦ ଓ ଆସ୍ଥାପୂର୍ଣ୍ଣ ସଂପର୍କ ଅତୁଟ ରହିଲା ନାହିଁ। ତେଣୁ ଭୂୟାଁପିଢ଼ରେ ପାଇକାଳୀ ବ୍ୟବସ୍ଥାର ପ୍ରଚଳନ ହେଲା।

୨ୟ ଘଟଣା ହେଲା - ରାଜା ଯଦୁନାଥ ଭଂଜଙ୍କ ରାଜୁତି କାଳରେ। ରାଜା ଯଦୁନାଥ ୧୭୯୪ ରୁ ୧୮୩୧ ଯାଏ କେନ୍ଦୁଝର ଶାସନ କାର୍ଯ୍ୟ ନିର୍ବାହ କରୁଥିଲେ। ସେତେବେଳକୁ କେନ୍ଦୁଝରରେ ହେଙ୍କା ଜମିଦାରୀ ଆଦି ମିଶି କରିଥିଲା। ତେଣୁ ରାଜା ଯଦୁନାଥ ଉପର କେନ୍ଦୁଝର ଓ ଆଠଗଡ଼ କେନ୍ଦୁଝରକୁ ମିଶାଇ ଜ୍ୟୋତିପୁର ଠାରୁ ଯୁୟୁ ପଜା ଯାଏ ୪୪ଟି ବିଭିନ୍ନ ଦଣ୍ଡପାଟରେ ସମୁଦାୟ କେନ୍ଦୁଝରକୁ ବିଭକ୍ତ କଲେ। ପ୍ରତ୍ୟେକ ଦଣ୍ଡପାଟର ଦାୟିତ୍ୱରେ ଜଣେ ଜଣେ ସର୍ଦ୍ଦାର ବା ଗଡ଼ନାୟକଙ୍କୁ ରଖାଗଲା। ପ୍ରତ୍ୟେକ ଗ୍ରାମର ମୁଖିଆମାନେ ହେଲେ ପ୍ରଧାନ। ତାଙ୍କ ଅଧିନରେ ଡାକୁଆ, ପ୍ରହରୀ, ଦ୍ୱାରପାଳ, ପାଇକ, ପିଆଦା, ନାଏକ ଆଜି ପଦବୀଧାରୀମାନେ କାର୍ଯ୍ୟ କରୁଥିଲେ। ଏହାଦ୍ୱାରା ଭୂୟାଁପିଢ଼ର ଗୁରୁତ୍ୱ କମିବାରେ ଲାଗିଲା ଏବଂ ପିଢ଼ର ସର୍ଦ୍ଦାରମାନେ ପାରମ୍ପରିକ ଅଧିକାରରୁ ବଂଚିତ ହେଲେ। କେବଳ ସେତିକି ନୁହେଁ - ଭୂ ରାଜସ୍ୱ ସଂଗ୍ରହ, ମାଗଣ ଓ ରସଦ ଆଦାୟ କରିବା ସାଂଗକୁ ପ୍ରଜାଙ୍କୁ ବେଠିରେ ନିୟୋଜିତ କରିବା ଆଜି ପ୍ରଜାପୀଡ଼ନ କାର୍ଯ୍ୟକୁ ରାଜା ପ୍ରୋତ୍ସାହନ ଦେବା ସଂଗେ ସଂଗେ ନିଜେ ସେଭଳି କାର୍ଯ୍ୟରେ ଅଂଶୀଦାର ହୋଇଗଲେ। ଫଳରେ ଭୂୟାଁ ଅସନ୍ତୋଷ କ୍ରମଶଃ ବ୍ୟାପିବାରେ ଲାଗିଲା।

ତୃତୀୟ କାରଣ ହେଲା - ଏହି ସମୟରେ ପ୍ରାୟ ୧୮୦୪ ମସିହା ବେଳକୁ ଓଡ଼ିଶାରେ ଇଂରେଜ ଶାସନ କାଳରେ ସର୍ବ ପ୍ରଥମେ ଭୂ-ବନ୍ଦୋବସ୍ତ ସଂପାଦିତ ହେଲା। ୧୮୦୪ ମସିହାର ସୁନିଆ ଦିନ ଠାରୁ ଇଷ୍ଟ ଇଣ୍ଡିଆ କଂପାନୀ ଓଡ଼ିଶାରେ ଭୂ-ରାଜସ୍ୱ ଆଦାୟର ବ୍ୟବସ୍ଥା ଧାର୍ଯ୍ୟ କଲେ। ମାତ୍ର ଭୂୟାଁ ପିଢ଼ରେ ଏ ପ୍ରକାର ଭୁ ବନ୍ଦୋବସ୍ତ ହେଲାନାହିଁ। ପ୍ରତି ବଦଳରେ ପୂର୍ବ ପ୍ରଚଳିତ ଶାସନ ପଦ୍ଧତିରେ ପ୍ରଚଳିତ ବେଠି ଓ ଭେଟି ପରିମାଣ ବୃଦ୍ଧି କରାଇବା ସହ ନୂତନ କରି ହଳ ଟିକସ ଓ ଗୃହଟିକସ ଧାର୍ଯ୍ୟ କରାଗଲା।

୧୮୧୯ ବେଳକୁ ରାଜ୍ୟର ବେବର୍ତ୍ତାମାନେ ଭୂୟାଁମାନଙ୍କ ଉପରେ ଅନ୍ୟାୟରେ ଭିନ୍ନ ଭିନ୍ନ ପ୍ରକାର କର ବସାଇଲେ। ଭଂଜବଂଶର ଶାସନ ଅନ୍ତରାଳରେ ରାଜାଙ୍କ ଜ୍ଞାତସାରରେ ଅବା ଅଜ୍ଞାତ ସାରରେ ଭୂୟାଁ ସହିତ ଅନ୍ୟାନ୍ୟ ପ୍ରଜାତି ପ୍ରଜାମାନଙ୍କୁ ଅତ୍ୟନ୍ତ ପରିଶ୍ରମ କରାଇବା, ଶାରୀରିକ ପୀଡ଼ା ପ୍ରଦାନ କରିବା, ଅଯଥା ଦଣ୍ଡଦେବା ଏବଂ ବିଭିନ୍ନ ପ୍ରକାରରେ ଶୋଷଣ କରିବା ଏକ ସ୍ୱାଭାବିକ ଶାସନ ଧାରା ଭାବରେ ପରିଗଣିତ ହୋଇପଡ଼ିଲା।

ଏହି ଶାସନ ଧାରାରେ ବେବର୍ତ୍ତାମାନେ ଅତ୍ୟଧିକ ଚତୁର ଏବଂ ସୁବିଧାବାଦୀ ହୋଇଉଠିଲେ। ଭୂୟାଁ ପିଢ଼ର ସର୍ଦ୍ଦାରମାନଙ୍କର ଅଧିକାର କ୍ଷୁଣ୍ଣ କରିବା ଓ ପ୍ରଭାବ ହ୍ରାସ କରିବାରେ ସେମାନଙ୍କର କାର୍ଯ୍ୟ ଏବଂ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ୧୮୧୯ ବେଳକୁ ଯେଉଁ ଜନଅସନ୍ତୋଷ ଭୂୟାଁମାନଙ୍କର ନେତୃତ୍ୱ ରେ ମୁଣ୍ଡ ଟେକୁଥିଲା, ବୈବର୍ତ୍ତାମାନଙ୍କର ପ୍ରତାରଣା ଯୋଗୁଁ ତାହା ସାମୟିକ ଭାବେ ସ୍ଥଗିତ ହୋଇଗଲା। କିନ୍ତୁ ୧୮୨୫ ମସିହା ବେଳକୁ ଅତ୍ୟାଚାର ଅଭିବୃଦ୍ଧି ହେତୁ ପ୍ରଜା ଅସନ୍ତୋଷ ବଢ଼ିଲା ଏବଂ ବ୍ରିଟିଶ ରାଜ୍ୟ କମିଶନର ଅମଲାମାନଙ୍କ ପ୍ରତି ପ୍ରତିକୂଳ ମନ୍ତବ୍ୟ ଯୋଗୁଁ ଭୂୟାଁ ଏବଂ ଅନ୍ୟାନ୍ୟ ଆଦିମ ଅଧିବାସୀମାନଙ୍କ ମଧ୍ୟରେ ଜାଗରଣ ସୃଷ୍ଟି ହେଲା। ପୁଣି ୧୮୬୧ରେ ଗଦାଧର ଭଞ୍ଜଙ୍କ ମୃତ୍ୟୁ ପରେ ଜଣେ ଭୂୟାଁ ଏଜେଣ୍ଟ ପରିବର୍ତ୍ତେ ଦୁଇଜଣ ସାଧାରଣ ଏଜେଣ୍ଟ ନିଯୁକ୍ତ ପାଇଲେ। ପୂର୍ବ ପ୍ରଚଳିତ ଶସ୍ୟ ଆକାରରେ ରାଜସ୍ୱ ସଂଗ୍ରହ ପରିବର୍ତ୍ତେ ଟଙ୍କା ଆକାରରରେ ରାଜସ୍ୱ ସଂଗ୍ରହ କରାଗଲା। ଏହିଭଳି ପ୍ରଜା ବିରୋଧୀ କାର୍ଯ୍ୟ ଯୋଗୁଁ ପ୍ରଜାମାନେ ରାଜଶାସନ ବିରୋଧୀ ହେଲେ ଏବଂ ସନ୍ ୧୮୬୮ ମସିହା ଏପ୍ରିଲ ୨୧ ତାରିଖରେ ରାଜଛତ୍ର ବିରୁଦ୍ଧରେ ଖୋଲାଖୋଲି ବିଦ୍ରୋହ ଘୋଷଣା କଲେ। ଏହାର ନେତୃତ୍ୱ ନେଲେ ମହାନ୍ ଭୂୟାଁ ବୀର ରତ୍ନା ନାଏକ।

ଜନଶ୍ରୁତି ହିସାବରେ ୧୮୨୦ ମସିହାରେ କେନ୍ଦୁଝର ଗଡ଼ର ଭୂୟାଁ ପିଢ଼ର ପ୍ରାଣକେନ୍ଦ୍ର ବାଂଶପାଳଠାରେ ଜନ୍ମଗ୍ରହଣ କରିଥିଲେ ରତ୍ନାନାୟକ। ଘରକୁ ଉଜ୍ଜ୍ୱଳ

କରି ଉନ୍ନତି ଆସିଲା ବୋଲି ଶ୍ରଦ୍ଧାରେ ଏପରି ନାମକରଣ କରାଯାଇଥିଲା। ତତ୍‌କାଳୀନ ବାଂଶପାଳ ଥିଲା ଦୁର୍ଗମ ବନ୍ୟ ପ୍ରଦେଶ, ପ୍ରାକୃତିକ ସଂପଦରେ ପରିପୂର୍ଣ୍ଣ। ସେହି ଭରପୁର ପ୍ରକୃତି କୋଳରେ ରତ୍ନା ନାୟକଙ୍କ ବାଲ୍ୟଜୀବନ ଅତିବାହିତ ହୋଇଥିଲା। ପ୍ରକୃତି ସହ ସଂଗ୍ରାମ କରି ବଂଚିବାର ରାହା ଖୋଜୁଥିବା ମଣିଷ ସଂଗ୍ରାମୀ ନ ହେବ ବା କିପରି? ଦୈବୀ ଦୁର୍ବିପାକ, ମହାମାରୀ ରୋଗ ବୈରାଗକୁ ଖାତିର ନ କରି ଖରାବର୍ଷାର ଦାଉରୁ ନିଜକୁ ସମ୍ଭାଳି ପାରୁଥିଲେ ଯାଇ ସେଠାକାର ମଣିଷ ତିଷ୍ଠି ଥିଲେ। ରତ୍ନା ନାୟକ ସେଇ ବହୁ ବିଧ ପ୍ରାକୃତିକ ବିପତ୍ତି ମଧ୍ୟରେ ନିଜକୁ ସୁଦୃଢ଼ କରି ତୋଳୁଥିଲେ। ଭୂୟାଁ ପିଢ଼ର ସର୍ଦ୍ଦାର ହିସାବରେ ପରାମ୍ପରାନୁସାରେ ରତ୍ନା ନାୟକଙ୍କ ପରିବାରର ଖ୍ୟାତି ଥିଲା। ଏହି ଖ୍ୟାତି ଓ ଖାତିର ରତ୍ନାନାୟକଙ୍କୁ ଭିନ୍ନ ଏକ ମଣିଷ ହିସାବରେ ଗଠନ କରିଥିଲେ।

ଭୂୟାଁମାନଙ୍କର ରାଜପରିବାର ସହ ସଂପର୍କ; ବିଶେଷତଃ ପିଢ଼ ସର୍ଦ୍ଦାରମାନଙ୍କ ସହ ସଂପର୍କ ଭିନ୍ନଥିଲା। ରତ୍ନନାୟକଙ୍କ ସର୍ଦ୍ଦାରପଣିଆ ତାଙ୍କ ବ୍ୟକ୍ତିତ୍ୱକୁ ଆହୁରି ବହୁଗୁଣିତ କରିଥିଲା। ଭୂୟାଁ ପାରମ୍ପରିକ ରାଜନୈତିକ ସଂଗଠନ ସହ ରତ୍ନା ନାୟକଙ୍କ ସଂପର୍କ; ତାଙ୍କର ପ୍ରଚଣ୍ଡ ଧୀଶକ୍ତି ଓ ସ୍ୱାଭିମାନ ଏବଂ ଦୁର୍ଦ୍ଦିନମୟ ବ୍ୟକ୍ତିସତ୍ତା। ତାଙ୍କ ଭିତରେ ଥିବା ନେତୃତ୍ୱର ପ୍ରବୃତ୍ତିକୁ ଅଧିକ ଶୋଣିତ ଓ ଦକ୍ଷ କରାଇପାରିଥିଲେ।

ପାରମ୍ପରିକ ଯୁଦ୍ଧକୌଶଳ ସହ ନିଜକୁ ଦକ୍ଷ କରାଇ ତାଙ୍କ ପାରିବାପଣିଆର ପରିଚୟ ଦେବା ସାଙ୍ଗକୁ ରତ୍ନାନାୟକ ଜଣେ ଦକ୍ଷ ପ୍ରଶାସକ ଓ ଚିନ୍ତାନାୟକ ହିସାବରେ ନିଜକୁ ଗଢୁଥିଲେ। ପ୍ରଜା-ରାଜାର ସଂପର୍କକୁ ସେ ସମ୍ମାନ ଦେବା ସହ ପ୍ରଜାମାନଙ୍କର ଉନ୍ନତି କଳ୍ପେ ଧ୍ୟାନ ଦେଉଥିଲେ। ରାଜା ନ ଥାଇ ପ୍ରଜା ନାହିଁ। ଏଇ ସୂତ୍ରରେ କେନ୍ଦୁଝର ରାଜ୍ୟର ପ୍ରଜା ରାଜାନୁଗତ। ସେମାନଙ୍କ ଆଜ୍ଞାକାରୀ। ପୁନଶ୍ଚ ଭୂୟାଁ କୁଳର ସ୍ୱାଧିକାର ଓ ରାଜନୈତିକ ଧର୍ମ ହେଲା ରାଜାଙ୍କୁ ଗାଦିନାସୀନ କରାଇବା। ତେଣୁ ରାଜାଙ୍କ ସୁରକ୍ଷାରେ ରାଜ୍ୟର ସୁରକ୍ଷା। ତା' ସହ ପ୍ରଜା ସୁରକ୍ଷିତ।

ଏହା ହିଁ ଥିଲା ଭୂୟାଁ ସର୍ଦ୍ଦାରର ଚିନ୍ତା। ଏହା ଥିଲା ରତ୍ନା ନାୟକଙ୍କ ଚିନ୍ତନ। ତେବେ ଏହା ସତ୍ତ୍ୱେ ଯଦି ରାଜା ନିଜ ଦାୟିତ୍ୱ, କର୍ତ୍ତବ୍ୟରୁ ଓହରିଯାଇ ବିଚାରଶୂନ୍ୟ ହୁଅନ୍ତି, ସେତେବେଳେ ପ୍ରଜା ଅଶାନ୍ତି ଦେଖାଦେବା ସ୍ୱାଭାବିକ। ବିବେକବାନ ସର୍ଦ୍ଦାରମାନେ ପ୍ରଜାମାନଙ୍କ ସହାୟତାରେ ମେଳି ବାନ୍ଧନ୍ତି। ସଂଗଠିତ ପ୍ରଜା ମେଳି ସାହାଯ୍ୟରେ ରାଜା ଓ ରାଜ୍ୟଶାସନ ବିରୁଦ୍ଧରେ ସଂଗ୍ରାମ କରନ୍ତି। ରତ୍ନାନାୟକଙ୍କ ଏଇ ଦକ୍ଷତା ସହ ସମସ୍ତେ ଭଣା ଅଧିକ ପରିଚିତଥିଲେ। ଏପରିକି ରାଜ ପ୍ରାସାଦର ପାରିଷଦବର୍ଗଠାରୁ ଆରମ୍ଭ କରି ରାଜା ପର୍ଯ୍ୟନ୍ତ ରତ୍ନାଙ୍କ ବ୍ୟକ୍ତିତ୍ୱ ସହ ଉତ୍ତମ ରୂପେ ପରିଚିତ ଥିଲେ। ଶ୍ରଦ୍ଧା, ସମ୍ମାନ, ଭକ୍ତି ଓ ଭୟର ଏକତ୍ର ଫେଣ୍ଟାଫେଣ୍ଟି ଭାବ ରତ୍ନା ନାୟକଙ୍କ ବ୍ୟକ୍ତିତ୍ୱର ପ୍ରଚଣ୍ଡ ପ୍ରକାଶ ଥିଲା।

ରତ୍ନା ନାୟକଙ୍କର ଏକମାତ୍ର ଚିନ୍ତା ପ୍ରଜାକୁଳର ହିତସାଧନ। କେନ୍ଦୁଝରର ମାଟିରେ ଫସଲ ଉପୁଜାଇ ପାରିଲେ ସିନା ରାଜାଙ୍କୁ ଖଜଣା ଦେବେ। ସର୍ଦ୍ଦାର ହିସାବରେ ରତ୍ନା ନାୟକ ତାହାହିଁ ଦେଖୁଥିଲେ। ତେଣୁ ସେ ପ୍ରଜାକୁଳକୁ, ଚାଷୀକୁଳକୁ ଚାଷରେ ସ୍ୱାବଲମ୍ବୀ ହେବାକୁ ପରାମର୍ଶ ଦେବା ସହ ନିଜକୁ ମଧ୍ୟ ପ୍ରତିଷ୍ଠିତ କରାଇ ପାରିଥିଲେ ଜଣେ ସଫଳ କୃଷକ ହିସାବରେ। କୃଷି ହିଁ ଜୀବନ। କୃଷି ବ୍ୟତିରକେ କୃଷକ ମୂଲ୍ୟହୀନ। ତେଣୁ ଆଳସ୍ୟ ମଧ୍ୟରେ ଜୀବନ ନିର୍ବାହ କରୁଥିବା ଭୂୟାଁମାନଙ୍କୁ ସଫଳ କୃଷକ ହେବାର ଦୀକ୍ଷା ଦେଉଥିଲେ ରତ୍ନା।

୧୮୧୯ର ଖଜଣା ବୃଦ୍ଧି ଏବଂ ପ୍ରଜାମାନଙ୍କ ଉପରେ ଅନ୍ୟାନ୍ୟ ତାଡ଼ନାରେ ଅତିଷ୍ଠ ପ୍ରଜାକୁଳ ରତ୍ନା ନାୟକଙ୍କ ନିକଟରେ ଫେରାଦ ହେଉଥିଲେ। ରତ୍ନା ନାୟକ ମଧ୍ୟ ଗାଁକୁ ଗାଁ, ପରିବାରକୁ ପରିବାର ବୁଲି ସାଧାରଣ ଜନତାର ଦୁଃଖ ବୁଝୁଥିଲେ ଓ ପ୍ରତିକାର କଥା ଚିନ୍ତା କରୁଥିଲେ। ଏହି ଅତ୍ୟାଚାର ବିରୁଦ୍ଧରେ ଦାନାବାନ୍ଧୁଥିବା ଜନ ଅସନ୍ତୋଷର ପ୍ରତିକାର ପାଇଁ ଏବଂ ପ୍ରଜାମାନଙ୍କୁ ସେମାନଙ୍କର ନ୍ୟାୟୋଚିତ ଅଧିକାର ଫେରେଇ ଦେବା ଉଦ୍ଦେଶ୍ୟରେ - ରତ୍ନା ନାଏକ ସମସ୍ତ ଆଦିମ ଆଦିବାସୀ ତଥା ଭୂୟାଁ ସମାଜକୁ ସଚେତନ କରି ଏକଜୁଟ କଲେ। ଅନ୍ୟାନ୍ୟ

ଆଦିବାସୀମାନଙ୍କୁ ମଧ୍ୟ ସେମାନଙ୍କର ଦାବୀ ଓ କର୍ତ୍ତବ୍ୟ ସଂପର୍କରେ ସଚେତନ କରାଇ ବୁଝାଇ ସୁଝାଇ ଏକଜୁଟ କରିଥିଲେ। ଗ୍ରାମ ଗ୍ରାମରେ ବୁଲି ସମସ୍ତ ଆଦିବାସୀମାନଙ୍କୁ ଏକତ୍ର କରାଇଥିଲେ। ସମସ୍ତ ଗ୍ରାମରେ ଜଣେ ଲେଖାଏଁ ଶକ୍ତିଶାଳୀ ବୁଦ୍ଧିମାନ ଆଦିବାସୀ ନେତାଙ୍କୁ ଗ୍ରାମର ନେତୃତ୍ୱ ନେବାର ଦାୟିତ୍ୱ ଦେଇଥିଲେ। ସେମାନେ ଲୋକମାନଙ୍କୁ ତାଙ୍କର ବିପ୍ଳବ ସମ୍ବନ୍ଧରେ ସମ୍ପୂର୍ଣ୍ଣ ବୁଝାଇ ସୁଝାଇ ଆନ୍ଦୋଳନରେ ସାମିଲ କରାଇଥିଲେ। ରତ୍ନା ନାଏକ ଏଭଳି ଜଣେ ନେତା ଥିଲେ, ଯାହାଙ୍କର ଡାକରାରେ ଚାରିଦିଗରୁ ଆଦିବାସୀମାନେ ଏକତ୍ର ହେଉଥିଲେ ଏବଂ ତାଙ୍କୁ ଜଣେ ନିର୍ବିବାଦୀୟ ନେତା ଭାବରେ ଗ୍ରହଣ କରିନେଉଥିଲେ। ରତ୍ନା ନାଏକଙ୍କର ନିଷ୍ଠାପରତା, ସ୍ୱାର୍ଥପରହୀନତା, ପ୍ରଜାତୋଷଣ ଭାବ, ଦାୟିତ୍ୱବୋଧ ଓ କର୍ତ୍ତବ୍ୟ ସଚେତନତାରେ ଉଦ୍‌ବୁଦ୍ଧ ସାଧାରଣ ଜନତା ତାଙ୍କର ନେତୃତ୍ୱକୁ ଅକୁଣ୍ଠିତ ଭାବରେ ସ୍ୱୀକାର କଲା ଏବଂ ଅସନ୍ତୋଷର ପ୍ରକାଶ ପାଇଁ ତାଙ୍କ ପଛରେ ସଂଘବଦ୍ଧ ଭାବରେ ଛିଡ଼ା ହେଲା। ଆରମ୍ଭ ହେଲା ଦାବୀ ଓ ଅଧିକାର ପାଇବାର ବିପ୍ଳବ।

ଅସନ୍ତୋଷ କ୍ରମଶଃ ବଢ଼ିବାରେ ଲାଗିଥାଏ। ରତ୍ନା ନାଏକଙ୍କ ନେତୃତ୍ୱକୁ ନେଇ ରାଜଦରବାରରେ ଦେଖାଦେଲା ଅସନ୍ତୋଷ। ଫଳରେ କେନ୍ଦୁଝର ରାଜଗାଦି ନିମନ୍ତେ ଦେଖା ଦେଲା ବିବାଦ। ସୁବିଧାବାଦୀ ଦରବାର ପାଟରାଣୀ ବିଷ୍ଣୁପ୍ରିୟା ଦେବୀ ପ୍ରଥମେ ବୃନ୍ଦାବନ ଭଞ୍ଜଙ୍କୁ ରାଜା ବୋଲି ଘୋଷଣା କରି ଭୂୟାଁମାନଙ୍କୁ ପ୍ରବର୍ତ୍ତାଇଲେ। ଚନ୍ଦ୍ରଶେଖର ଧଳମଧ୍ୟ ଅନୁରୂପ ଭାବେ ବାରମ୍ବାର ନିଜର ମତ ପରିବର୍ତ୍ତନ କଲେ। ଆଦିବାସୀମାନଙ୍କୁ ମତାଇ ବିଦ୍ରୋହ କରାଇଲେ। ରାଜଗାଦୀ ବିବାଦ ସନ୍ ୧୮୬୮ ମେ ମାସରେ ସମାଧାନ ହେଲା ଏବଂ ଧର୍ନୁଜୟ ନାରାୟଣ ଭଞ୍ଜଦେଓ ଶାସକ ଭାବରେ ସରକାର ସ୍ୱୀକୃତି ପ୍ରାପ୍ତ ହେଲେ ଏବଂ ବୃନ୍ଦାବନ ଭଞ୍ଜ ନଜରବନ୍ଦୀ ହେଲେ। କେନ୍ଦୁଝର ରାଜା, ପାଟରାଣୀ, ବେବର୍ତ୍ତା ପ୍ରଭୃତିଙ୍କ ବିଶ୍ୱାସଘାତକତା ଜଣାପଡ଼ିବା ପରେ ମଧ୍ୟ ପୂର୍ବୋକ୍ତ ପ୍ରଶାସନିକ ଅତ୍ୟାଚାର ଜନିତ କାରଣରୁ ବିଦ୍ରୋହ ପ୍ରଶମିତ ହେଲାନାହିଁ ବରଂ ଆଦିମ ଅଧିବାସୀମାନେ ମିଳିତ ଭାବେ ରାଜଦରବାର ଓ ବ୍ରିଟିଶ ଶାସନ ବିରୁଦ୍ଧରେ ସଂଗ୍ରାମ ଚଳାଇଲେ।

## ବିପ୍ଳବର କାରଣ :

**ପ୍ରଶାସନିକ :**

୧. ଭଞ୍ଜ ବଂଶର (ଷ୍ଟେଟ୍) ଚିରାଚରିତ ପ୍ରଥା (ମୌଳିକ ପ୍ରଥା) ଭୂୟାଁମାନେ ନୂତନ ରାଜାଙ୍କୁ ଅଭିଷେକ କରାଇ ରାଜଗାଦିରେ ବସାଇବା କଥା। ମାତ୍ର ଧନୁର୍ଜୟ ନାରାୟଣ ଭଞ୍ଜଦେଓ ରାଜଗାଦିରେ ବସିବା ସମୟରେ ସେପରି ପରମ୍ପରାକୁ ବନ୍ଦ କରାଗଲା, ଫଳତଃ ଭୂୟାଁମାନେ ଉତ୍ୟକ୍ତ ହୋଇ ରାଜତନ୍ତ୍ର ବିରୁଦ୍ଧରେ ବିଦ୍ରୋହ ଘୋଷଣା କରିଥିଲେ।

୨. ପ୍ରଜାମାନଙ୍କ ଇଛା ବିରୁଦ୍ଧରେ ଓଡ଼ିଶାର ଗଡ଼ଜାତ ମାହାଲ କମିଶନର ରେଭେନ୍‌ସା ସାହେବ ୧୮୬୭ରେ ଧନୁର୍ଜୟ ଭଞ୍ଜଦେଓଙ୍କୁ ରାଜଗାଦିରେ ବସାଇବାରୁ ପ୍ରଜା ଅସନ୍ତୋଷ ବୃଦ୍ଧି ପାଇଥିଲା।

୩. ବିଶ୍ୱାସଘାତକ ଚନ୍ଦ୍ରଶେଖର ଧଳ ଦେଶଦ୍ରୋହୀ ସାଜି ସିପାହୀ ବିଦ୍ରୋହୀ ସମୟରେ ବ୍ରିଟିଶ ସରକାରଙ୍କୁ ସମର୍ଥନ କରି ରାୟ ବାହାଦୂର ଉପାଧି ସହ ମାସିକ ଅଧିକ ୨୦୦ ଟଙ୍କା ଭତ୍ତା ପାଇଲେ, ଏହାଛଡ଼ା ମନଇଛା ୧୮୫୮ରେ ଜମି ବନ୍ଦୋବସ୍ତ କରାଇ ପଣ୍ଡୁଆ ଦଣ୍ଡପାଟର ନିଷ୍କର ଜମି ଆଉ ମହାପାତ୍ର ପଦବୀ ନେଲେ। ଏହି ଜମି ବନ୍ଦୋବସ୍ତ ପ୍ରଜା ହିତକର ନ ଥିଲା। ଯାହା ପ୍ରଜା ଅସନ୍ତୋଷ ବୃଦ୍ଧିର କାରଣ ହୋଇଥିଲା।

୪. ଭୂୟାଁ ପିଢ଼ରେ ଅଣଭୁୟାଁ ସର୍ଦ୍ଦାର ନିଯୁକ୍ତି ଏବଂ ରାଜସ୍ୱ ସଂଗ୍ରହ ନିମନ୍ତେ ଅଣଭୂୟାଁମାନଙ୍କୁ ଏଜେଣ୍ଟ ନିଯୁକ୍ତି ଅନ୍ୟତମ ଆନ୍ଦୋଳନର ରୂପ ନେଇଥିଲା।

୫. ଭୁୟାଁମାନଙ୍କ ପ୍ରତି ଯେଉଁ ଆଶା ଆକାଂକ୍ଷା ଆଗରୁ ରାଜ ମହଲରେ ଦେଖାଯାଉଥିଲା, ତାହା କାଳକ୍ରମେ ଲୁପ୍ତ ହେଲା। ଆଉ ଭୁୟାଁ ଜାତି ଲୋକମାନଙ୍କ ପ୍ରତି ରାଜ ଅନୁଗ୍ରହ ରହିଲା ନାହିଁ।

୬. ଭୁୟାଁମାନେ ରାଜଦରବାରେ ଯେଉଁ କାମଧନ୍ଦା କରୁଥିଲେ ସେ ସବୁ ଧିରେ ଧିରେ ତାଙ୍କ ହାତରୁ ଛଡ଼ାଇ ନେଇ ସବୁତକ କ୍ଷମତା ଉଠାଇ ନିଆଗଲା। ତାଙ୍କ ବଦଳରେ ଅଣ ଆଦିବାସୀମାନେ ନୂଆ ନିଯୁକ୍ତି ପାଇଲେ।

ଏହି ସବୁ କାରଣରୁ ଭୂୟାଁ ବିପ୍ଲବ ଭୟାବହ ରୂପ ନେଲା। ରାଜାମାନଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ଭୁୟାଁମାନେ ଆଉ କୁଣ୍ଠାବୋଧ କଲେ ନାହିଁ। ଭୁୟାଁମାନେ ମଧ୍ୟ ରାଜାଙ୍କ ଶକ୍ତିକୁ ପ୍ରତିହତ କରିବା ପାଇଁ ମେଳି ବାନ୍ଧିଲେ। ଗାଁରୁ ଗାଁ ପିଢ଼ରୁ ପିଢ଼ ଏହି ମେଳି ଦାନା ବାନ୍ଧିଲା। ଏହାର ପୁରୋଧା ସାଜି ରତ୍ନା ନାଏକ ଆନ୍ଦୋଳନର ମାର୍ଗ ଦର୍ଶନ କଲେ। ରାସ୍ତାଘାଟରେ ରାଜା ତଥା ତାଙ୍କ ଦରବାରରେ କାର୍ଯ୍ୟରତ ଲୋକମାନଙ୍କୁ ଅପମାନ ଦେବାରେ ପଛେଇଲେ ନାହିଁ। ରାଜାମାନଙ୍କ କାର୍ଯ୍ୟକଳାପକୁ ଦମନ କରିବା ପାଇଁ ରତ୍ନା ନାଏକ ଘରିଆଡ଼େ ଡାକରା ଦେଇଥିଲେ। କେନ୍ଦୁଝର ରାଜ୍ୟର ବିଭିନ୍ନ ଗ୍ରାମରେ ରାଜାଙ୍କୁ ବିରୋଧ କରି ସମାଲୋଚନା କରାଗଲା। ତାଙ୍କ ହୁକୁମକୁ ଆସ୍ତେ ଆସ୍ତେ ଅବମାନନା କରାଗଲା। ରାଜା ଅପମାନିତ ହେଲେ। ତାଙ୍କୁ ହୁକୁମକୁ ଆସ୍ତେ ଆସ୍ତେ ଅବମାନନା କରାଗଲା। ଅନ୍ୟାନ୍ୟ ଆଦିବାସୀମାନେ ମଧ୍ୟ ଏକତାବଦ୍ଧ ହୋଇ ବିଭିନ୍ନ ପ୍ରକାର ବିଘର ଗ୍ରାମରେ ବସାଇଲେ। ସମସ୍ତ ଆଦିବାସୀ ନିଜ ନିଜର ଧର୍ମଜାତିକୁ ବଞ୍ଚାଇବା ପାଇଁ ଆଗେଇ ଆସିଲେ। ସମସ୍ତ ଜାତିର ଧର୍ମ, ବିଘର ଅଲଗା ଅଲଗା। ଏହାକୁ ସାକାର କରିବା ପାଇଁ ଗ୍ରାମ ଗ୍ରାମ ମଧ୍ୟରେ ଥିବା ଜାହିରାରେ ସଭା କରାଗଲା। ଜାହିରାମାନଙ୍କରେ ଢୋଲ, ମାଦଳ, ଘଣ୍ଟି ବଜାଇ ନାଚଗୀତରେ ଆଦିବାସୀମାନେ ଏକ୍‌ଜୁଟ ହୋଇ ଆଗାମୀ ଦିନରେ ରାଜାଙ୍କ ବିରୁଦ୍ଧରେ ଏକୁଜଟ ହେବା ପାଇଁ ପଥ ପ୍ରଶସ୍ତ କଲେ।

**ଅର୍ଥନୈତିକ:**

୧. ବେଠି, ଭେଟି, ରସଦ, ମାଗଣ, ଘର ଟିକସ, ହଳ ଟିକସ ଇତ୍ୟାଦି ଲାଗୁ କରାଯାଇ ଶସ୍ୟ ବଦଳରେ ଅର୍ଥ ଆକାରରେ ଆଦାୟ କରାଯିବା ଫଳରେ ଜନଅସନ୍ତୋଷ ବୃଦ୍ଧି ପାଇଲା।

୨. ପାଇକାଳୀ ବ୍ୟବସ୍ଥା ପ୍ରଚଳନ ଦରିଦ୍ର ପ୍ରଜାମାନଙ୍କର ବେଢ଼ି ଉପରେ କୋରଡ଼ା ମାଡ଼ ସଦୃଶ ହେଲା।

୩. ଅମଲାତନ୍ତ୍ର ପ୍ରତାରଣା, ଶସ୍ୟ ପରିବର୍ତ୍ତେ ଟଙ୍କା ଆକାରରେ ରାଜସ୍ୱ ସଂଗ୍ରହ ପ୍ରଜାମାନଙ୍କ ମେରୁଦଣ୍ଡ ଦୋହଲାଇ ଦେଲା ।

୪. ବେବର୍ତ୍ତା ଗଣି ପଟ୍ଟନାଏକ ଅନ୍ୟାୟ ଟିକସ ବସାଇବା ଫଳରେ ପ୍ରଜାମାନେ ଅସନ୍ତୁଷ୍ଟ ହେଲେ ।

ଏ ଭଳି ଅସନ୍ତୋଷ ଓ ବିପ୍ଳବ ରୂପେ ତା'ର ଆତ୍ମପ୍ରକାଶର କେବଳ ଏହିଭଳି ଆଞ୍ଚଳିକ କାରଣ ନଥିଲା । ଅନ୍ୟାନ୍ୟ ଆନୁଷଙ୍ଗିକ କାରଣର ସମନ୍ୱିତ ରୂପ ପ୍ରଜାମେଳିକୁ ପ୍ରୋତ୍ସାହିତ କରିଥିଲା ।

ବ୍ରିଟିଶ ସରକାରଙ୍କର କୁଟ ଉପନିବେଶବାଦ ନୀତି, ରାଜଦରବାର ଏବଂ ଅମଲାତନ୍ତ୍ରର ବୀଭତ୍ସ ପ୍ରଜାପୀଡ଼ନ, ଅମାନବୀୟ ଶାରୀରିକ ପୀଡ଼ା ଦ୍ୱାରା ବ୍ୟକ୍ତିଗତ ଜୀବନରେ ପ୍ରତ୍ୟେକ ପ୍ରଜା ଅତିଷ୍ଠ ହୋଇଉଠିଥିଲେ । ଏଥି ସହିତ ସ୍ୱାର୍ଥାନ୍ଧ ବ୍ୟକ୍ତିବିଶେଷଙ୍କର ସାମାନ୍ୟ ତତ୍‌କାଳ ସ୍ୱାର୍ଥ ସାଧନ ପାଇଁ ଏବଂ ପଦପଦବୀ ଲାଭ ଲାଳସାକୁ ଚରିତାର୍ଥ କରିବା ପାଇଁ ରାଜ୍ୟ ବା ସମୁହ ସ୍ୱାର୍ଥ ପ୍ରତି ବିଶ୍ୱାସଘାତକତା ମଧ୍ୟ ପ୍ରଜା ଅସନ୍ତୋଷର ବିଶିଷ୍ଟ କାରଣ ହୋଇ ଦେଖା ଦେଇଥିଲା । ୧୮୫୭ର ଭାରତୀୟ ସିପାହୀ ଅସନ୍ତୋଷ ସମୟରେ ଗଦାଧର ଭଂଜ ଇଂରେଜୀ ଶାସକ ମାନଙ୍କର ପ୍ରରୋଚନା ଓ ପ୍ରଲୋଭନରେ ଆସି ନିଜ ମାମୁଁ ପେଢ଼ାହାଟର ରାଜା ଅର୍ଜୁନ ସିଂହଙ୍କୁ ବିଶ୍ୱାସଘାତକତା ମାଧ୍ୟମରେ ଇଂରେଜମାନଙ୍କୁ ଧରାଇ ଦେଇଥିଲେ । ପ୍ରତିବଦଳରେ ବ୍ରିଟିଶ ଦରବାରରୁ ମହାରାଜା ପଦବୀ ପ୍ରାପ୍ତ ହୋଇଥିଲେ ଯାହା ଆଦିବାସୀ ଜନତାର ଅସନ୍ତୋଷର ମାତ୍ରାକୁ ବହୁଗୁଣିତ କରାଇଥିଲା ।

ପ୍ରିଭି କାଉନ୍‌ସିଲ୍ ନିଷ୍ପତ୍ତି ଅନୁସାରେ ୧୮୬୭ ଡିସେମ୍ବରରେ ଧନୁର୍ଜୟ ନାରାୟଣ ରାଜା ହେବା ପରେ ପାଟରାଣୀ ରାଜଉଆସ ଛାଡ଼ି ଗଲେ ଏବଂ ଭୂୟାଁମାନଙ୍କୁ ବିଦ୍ରୋହ କରିବା ପାଇଁ ପ୍ରବର୍ତ୍ତାଇ ଥିଲେ । ଏହି ଘଟଣା ଭୂୟାଁମାନଙ୍କର ଦରବାର ପ୍ରତି ଅଙ୍ଗୀକାରବଦ୍ଧତାର ସୂଚନା ଦିଏ । କାରଣ, ବିଷ୍ଣୁପ୍ରିୟା ଦେବୀ ଥିଲେ ପାଟରାଣୀ । ମାତ୍ର ଯେଉଁମାନେ ଏହି ବିଦ୍ରୋହକୁ ସମର୍ଥନ କରୁଥିଲେ ସେମାନଙ୍କ

ମଧ୍ୟରୁ କେତେକ ମତ ପରିବର୍ତ୍ତନ କରି ବ୍ରିଟିଶ ଶାସନର ନିଷ୍ପତ୍ତି ପ୍ରତି ସମର୍ଥନ କରିବା ଦ୍ୱାରା ଭୂୟାଁମାନଙ୍କ ପ୍ରତି ଖାଲି ବିଶ୍ୱାସଘାତକତା ପ୍ରକାଶିତ ହେଲାନାହିଁ, ଗୋଟିଏ ଜାତି ପ୍ରତି ଚରମ ଅବହେଳା ପ୍ରଦର୍ଶନ କରିଥିଲା। ବ୍ରିଟିଶ ଶାସନ (ଇଷ୍ଟଇଣ୍ଡିଆ କମ୍ପାନୀ)ର କୂଟନୀତି-ପଶାପାଲିରେ ଗୋଟିଏ ସ୍ୱାଧୀନ ଚେତା ଜାତିର ମେରୁଦଣ୍ଡ ଏମାନେ ଭାଙ୍ଗି ଦେଲେ। ନିରକ୍ଷର, ସ୍ୱଳ୍ପ-ଶିକ୍ଷିତ ଆଦିବାସୀମାନଙ୍କର ଅନୁରକ୍ତି, ଧର୍ମଧାରଣା; ଦରବାରର ପରମ୍ପରା ପ୍ରତି ଆନୁଗତ୍ୟ ପ୍ରତି ବଦଳରେ ଅହେତୁକ ଆଶଙ୍କା ପ୍ରଦାନ କଲେ। ୧୮୬୮ ମସିହା ମେ ମାସରେ ଧନୁର୍ଜୟ ନାରାୟଣଙ୍କୁ ରେଭେନ୍‌ସା ସାହେବ ରାଜା ବୋଲି ବଡ଼ଲାଟଙ୍କ ସ୍ୱୀକୃତି ଘୋଷଣା କଲେ। ଏହି ଘଟଣା ପରେ ଭଞ୍ଜବଂଶର ସମ୍ମାନ ପ୍ରଦର୍ଶନ ପରମ୍ପରା ପ୍ରତି କରି ଭୂୟାଁମାନଙ୍କୁ ଡକାଇ ସେମାନଙ୍କ ଉପସ୍ଥିତିରେ ଅଭିଷେକ କରାଇଥିଲେ ବା ପାଟରାଣୀ ଶାଢ଼ୀ ବାନ୍ଧିଥିଲେ ଆକାଶ ଖସି ପଡ଼ି ନଥାନ୍ତା। ବିଦ୍ରୋହ ମଧ୍ୟ ଦେଖା ଯାଇ ନଥାନ୍ତା। ସରଳ ତଥା ନିରକ୍ଷର ଆଦିବାସୀ ମାନଙ୍କର ପାରମ୍ପରିକ ଧାରଣା, ବିଶ୍ୱାସ ଏବଂ ସଂସ୍କୃତି ପ୍ରତି ଦୃଷ୍ଟି ନ ଦେଇ ତଥାକଥିତ କୁଟିଳ ସମାଜ ଏହି ଭୂୟାଁମାନଙ୍କ ଅଧିକାର କ୍ଷୁଣ୍ଣ କରିବା ମାଧ୍ୟମରେ ଗୋଟିଏ ଜାତିର ଅବଚେତନ ସ୍ତରରେ ଅବହେଳାର ସଂକେତ ପ୍ରଦାନ କଲେ।

ଏହି ସବୁ ରାଜନୈତିକ ପ୍ରଶାସନିକ ଓ ମାନସିକ କାରଣ ସହିତ ଭୂୟାଁ ସମାଜର ସ୍ୱାଭିମାନ ଓ ଜାତିଗତ ଅବହେଳାର ପ୍ରଶ୍ନ ଜଡ଼ିତ ହୋଇ ପଡ଼ିବା ହେତୁ ସମ୍ମାନ ସଚେତନ ଭୂୟାଁ ସର୍ଦ୍ଦାର ରତ୍ନା ନାଏକ କେବଳ ଜାତିର ମାନ ଓ ଟେକର ସଂସ୍ଥାପନ ପାଇଁ ଏକ ସାଲିସ୍‌ବିହୀନ ସଂଗ୍ରାମ ଆରମ୍ଭ କଲେ। ପାରମ୍ପାରିକ ଭୂୟାଁ ସମାଜର ସାଂସ୍କୃତିକ ପ୍ରହରୀ ହିସାବରେ ସମସ୍ତ ପ୍ରଲୋଭନକୁ ତୁଚ୍ଛ ମନେ କରି ରତ୍ନା ନାଏକ ବିଦ୍ରୋହ ପାଇଁ ଆହ୍ୱାନ ଜଣାଇଥିଲେ।

**ଶେଷ ବହ୍ନି:**

ରାଜା ଗଦାଧର ଭଞ୍ଜ ରାଣୀ ବିଷ୍ଣୁପ୍ରିୟା ପାଟ ମହାଦେଇଙ୍କ ସହିତ ଧର୍ମ କରିବା ପାଇଁ କଲିକତା ନିକଟସ୍ଥ ତ୍ରିବେଣୀ ଯାଇଥିଲେ। ସେହିଠାରେ ୧୮୬୨ ମସିହା ମାର୍ଚ୍ଚ ୨୨ ତାରିଖ ଦିନ ସେ ମୃତ୍ୟୁବରଣ କରିଥିଲେ। ସେ ଥିଲେ ଅପୁତ୍ରିକ। ଅବଶ୍ୟ ନିଜ ରାଣୀଙ୍କ ଠାରୁ କୌଣସି ସନ୍ତାନ ପାଇପାରିଁନଥିଲେ ମଧ୍ୟ ତାଙ୍କର ଦୁଇଟି ଅବୈଧ ସନ୍ତାନ ଥିଲେ। ସେମାନେ ଥିଲେ ତାଙ୍କର ଦାସୀପୁତ୍ର। ତାଙ୍କ ନାମ ଥିଲା ଧନୁର୍ଜୟ ଓ ଚନ୍ଦ୍ରଶେଖର। ମାତ୍ର କେତେଜଣ ଅମଲା ଧନୁର୍ଜୟଙ୍କୁ ରାଜାଙ୍କର ଫୁଲବିବାହୀ ରାଣୀଙ୍କର ସନ୍ତାନ ବୋଲି କହି କେନ୍ଦୁଝର ରାଜ୍ୟର ଉତ୍ତରାଧିକାରୀ ବୋଲି ଦାବି କରିଥିଲେ। ରାଜାମାନେ ନିଜର ବିବାହ ସମୟରେ ଅନ୍ୟ ଜଣେ ଯୁବତୀଙ୍କ ଗଳାରେ ଫୁଲମାଳ ଦେଇ ନିଜ ଅନ୍ତଃପୁରକୁ ନେଉଥିଲେ। ପାଟମହାଦେଇଙ୍କ ଗର୍ଭରୁ ଜନ୍ମିତ ପୁତ୍ର ଆଇନତଃ ସିଂହାସନ ଆରୋହଣ କରିପାରିବେ ବୋଲି ପ୍ରଥା ରହିଥିଲା। ମାତ୍ର ପାଟରାଣୀର ଔରସରୁ କୌଣସି ସନ୍ତାନ ନଥିବାରୁ କେନ୍ଦୁଝର ରାଜ୍ୟର ଦେବାନ, ଦରବାରରେ କେତେ ଜଣ ଅମଲାଙ୍କର ସହାୟତାରେ ୧୮୬୨ ମସିହା ଏପ୍ରିଲ୍ ୩ ତାରିକ ଦିନ ଧନୁର୍ଜୟଙ୍କୁ ସିଂହାସନରେ ଅଭିଷିକ୍ତ କରାଇଲେ। ସେତେବେଳକୁ ସେ ଥାଆନ୍ତି ନାବାଳକ।

ସେହି ଦିନଠାରୁ ଆରମ୍ଭ ହୋଇଥିଲା କେନ୍ଦୁଝର ରାଜ୍ୟରେ ଦୁର୍ଦ୍ଦିନ। ରାଜ୍ୟ ହେଲା ରାଜନୈତିକ ଅସ୍ଥିରତା, ବିଦ୍ରୋହ ଓ ବିଶୃଙ୍ଖଳତାର ପ୍ରଶସ୍ତ କ୍ଷେତ୍ର। ଏହା ମୂଳରେ ଥିଲା ରାଜସିଂହାସନ ପାଇଁ ଦୁଇପକ୍ଷ ମଧ୍ୟରେ କଳହ, ଯାହାକି, ସେତେବେଳର ଅନେକ ରାଜ୍ୟରେ ଏକ ସ୍ୱାଭାବିକ ଘଟଣା ହୋଇପଡ଼ିଥିଲା।

ଧନୁର୍ଜୟ ଭଞ୍ଜଙ୍କର ସିଂହାସନ ଆରୋହଣ ପଛରେ ରାଣୀ ବିଷ୍ଣୁପ୍ରିୟା ପାଟମହାଦେଇଙ୍କର ସମର୍ଥନ ନଥିଲା। ସେ ତ ତାଙ୍କର ପୁତ୍ର ନଥିଲେ। ତାଙ୍କ ଉପରେ ସେ କର୍ତ୍ତୃତ୍ୱ ଜାରି କରି ନ ପାରିବାର ଆଶଙ୍କା କରି ଅନ୍ୟ କାହାରିକୁ

ସିଂହାସନରେ ବସାଇବା ପାଇଁ ଆଳଟିଏ ଖୋଜି ବୁଲୁଥିଲେ। ଆଳଟିଏ ବି ମିଳିଥିଲା। ରାଜା ତାଙ୍କ ଜୀବିତାବସ୍ଥାରେ ମୟୂରଭଂଜ ରାଜାଙ୍କର ନାତି ବୃନ୍ଦାବନଙ୍କୁ ପୋଷ୍ୟପୁତ୍ର ରୂପେ ଗ୍ରହଣ କରିଛନ୍ତି ବୋଲି ପ୍ରକାଶ କରିଥିଲେ। ସେ ଲେଖା, ରାଣୀ ଏକ ଆବେଦନ ପତ୍ର ସହ ନେଇ ଓଡ଼ିଶାରର ତତ୍କାଳୀନ କମିଶନର ଟମାସ ଏଡ଼ୱାର୍ଡ୍ ରେଭେନ୍‌ସାଙ୍କ ନିକଟରେ ପହଞ୍ଚିଥିଲେ। ଧନୁର୍ଜୟ ଭଞ୍ଜଙ୍କ ସ୍ଥାନରେ ବୃନ୍ଦାବନ ଭଞ୍ଜ ନ୍ୟାୟତଃ କେନ୍ଦୁଝରର ରାଜା ବୋଲି ସେ ଘୋଷଣା କରନ୍ତୁ, ତାହା ଥିଲା ତାଙ୍କ ଆବେଦନ ପତ୍ରର ସାରାଂଶ। ମାତ୍ର କମିଶନ ଉଭୟଙ୍କର ଦାବୀକୁ ବିଚାରକୁ ନେଇ ରାଣୀଙ୍କର ଆବେଦନ ପତ୍ର ଅଗ୍ରାହ୍ୟ କରି ଧନୁର୍ଜୟ ରାଜା ବୋଲି ରାୟ ଦେଇଥିଲେ। ତାଙ୍କ ରାୟ ବିରୁଦ୍ଧରେ ରାଣୀ କଲିକତାସ୍ଥିତ ହାଇକୋର୍ଟରେ ଅପିଲ କଲେ। ସେଠାରେ ତାହା ଅଗ୍ରାହ୍ୟ ହେଲା। ତା' ବିରୁଦ୍ଧରେ ରାଣୀ ପୁଣି ଲଣ୍ଡନସ୍ଥିତ ପ୍ରିଭି କାଉନ୍‌ସିଲ୍‌ରେ ଆବେଦନ କଲେ। ତାହା ମଧ୍ୟ ଖାରଜ ହେଲା ପରେ ତତ୍କାଳୀନ କମିଶନର ଟମାସ ଏଡ଼ୱାଡ଼ ରେଭେନ୍‌ସା ୧୮୬୭ ମସିହା ଡିସେମ୍ବର ମାସରେ ଧନୁର୍ଜୟଙ୍କୁ ରାଜଗାଦିରେ ଅଧିଷ୍ଠିତ କରାଇଥିଲେ। ଏଥିରେ ରାଣୀ ମର୍ମାହତ ହୋଇଥିଲେ। କିପରି ଧନୁର୍ଜୟଙ୍କୁ ବିତାଡ଼ିତ କରି ବୃନ୍ଦାବନ ଭଞ୍ଜଙ୍କୁ ରାଜା କରାଯିବ ତାହା ଥିଲା ତାଙ୍କର ଏକମାତ୍ର ଚିନ୍ତା। ଏଥିରେ ସହାୟତା ଦେବା ପାଇଁ ମୟୂରଭଞ୍ଜ ରାଜା କୃଷ୍ଣଚନ୍ଦ୍ର ଭଞ୍ଜ ତାଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ରାଣୀ ଉପଲବ୍ଧି କରିଥିଲେ ଯେ, ଇଂରେଜ ସରକାର ବିରୁଦ୍ଧରେ ସଂଗ୍ରାମ କରିବା ପାଇଁ ହେଲେ ପ୍ରଜାଙ୍କର ସହାୟତା ଦରକାର। ତେଣୁ ରାଣୀ ଗୋପନୀୟ ଭାବେ ତାଙ୍କର ବଳିଷ୍ଠ ପ୍ରଜା ଭୂୟାଁଙ୍କ ସହିତ ଯୋଗସୂତ୍ର ସ୍ଥାପନ କରିଥିଲେ। ତାଙ୍କର ସର୍ଦ୍ଦାର ଥିଲେ ରତ୍ନା ନାୟକ। ଦୁଃସାହସ ଓ ନିର୍ଭିକତାର ଏକ ମୂର୍ତ୍ତିମନ୍ତ ପ୍ରତୀକ ରତ୍ନା ନାଏକ ଜୁଆଙ୍ଗ ଓ ତାଙ୍କର ଅନ୍ୟାନ୍ୟ ସର୍ଦ୍ଦାରଙ୍କ ସହ ରାଣୀଙ୍କର ପକ୍ଷ ସମର୍ଥନ କରିଥିଲେ। ଇଂରେଜମାନଙ୍କ ବିରୁଦ୍ଧରେ ସଂଗ୍ରାମ ଚଳାଇବା ପାଇଁ ସେ ପ୍ରସ୍ତୁତ ହୋଇସାରିବା

ପରେ ୧୮୬୮ ମସିହା ଏପ୍ରିଲ ୨୧ ତାରିଖ ଦିନ ରତ୍ନା ନାଏକ୍, ରାଜା ଓ ଇଂରେଜମାନଙ୍କ ବିରୁଦ୍ଧରେ ଖୋଲା ଖୋଲି ଭାବେ ବିଦ୍ରୋହ ଘୋଷଣା କରିଥିଲେ। ଏହା ରତ୍ନା ମେଳି ନାମରେ ଖ୍ୟାତ। କେନ୍ଦୁଝର କାହିଁକି ଓଡ଼ିଶା ଇତିହାସରେ ଏହା ଏକ ଘଟଣାବହୁଳ ତଥା ରୋମାଞ୍ଚକର ଅଧ୍ୟାୟ।

ରତ୍ନା ନାୟକ ସହ ହାତ ମିଳାଇ ଥିଲେ ଅନ୍ୟ କେତେ ଜଣ ଭୂୟାଁ ସର୍ଦ୍ଦାର। ସେମାନେ ହେଲେ ନନ୍ଦ ନାୟକ, ନନ୍ଦ ପ୍ରଧାନ, ବାବୁ ନାୟକ, ଦାଶରଥି କୁଅଁର, ପଦୁ ନାୟକ, ଟୁନି ପ୍ରଧାନ। ସେମାନେ ରାଜାଙ୍କର ଆଦେଶ ଅମାନ୍ୟ କରିବେ ଓ ବୃନ୍ଦାବନ ଭଞ୍ଜଙ୍କୁ ରାଜଗାଦିରେ ଅଭିଷିକ୍ତ ନ କରାଇବା ପର୍ଯ୍ୟନ୍ତ ବିଦ୍ରୋହ ଅବ୍ୟାହତ ରଖିବେ ବୋଲି ସେହି ୧୮୬୮ ଏପ୍ରିଲ ୨୧ ତାରିଖ ଦିନ ଘୋଷଣା କରିଥିଲେ। ପରେ ପରେ ବିଦ୍ରୋହ ଏକ ଭୟାବହ ରୂପ ନେଇଥିଲା। ଇଂରେଜମାନଙ୍କ ପକ୍ଷେ ଏହାକୁ ଦମନ କରିବା କଷ୍ଟସାଧ୍ୟ ହୋଇପଡ଼ିଥିଲା। ବିଦ୍ରୋହୀମାନେ ଇଂରେଜମାନଙ୍କର ସେନାଛାଉଣୀ ଉପରେ ଚଢ଼ାଉ କରି ଧ୍ୱସ୍ତବିଧ୍ୱସ୍ତ କରି ପକାଇଲେ। କ୍ରମେ କ୍ରମେ ଅବସ୍ଥା ଅଣାୟତ୍ତ ହୋଇପଡ଼ିଥିଲା। ଅନ୍ୟ କୌଣସି ଉପାୟ ନ ଦେଖି ଇଂରେଜ ପ୍ରଶାସନ ମୟୂରଭଂଜ ରାଜାଙ୍କ ସହାୟତା ଲୋଡ଼ିଲେ। ମୟୂରଭଂଜ ରାଜା ଯଦିଓ ତାଙ୍କ ସଂପର୍କୀୟଙ୍କୁ ପାଟରାଣୀଙ୍କ ଅନୁରୋଧ କ୍ରମେ ରାଜା ହେବା ପାଇଁ ସମ୍ମତି ପ୍ରଦାନ କରିଥିଲେ, ଇଂରେଜମାନଙ୍କର ଚାପ ଏବଂ ତାଙ୍କର ଭବିଷ୍ୟତ ସ୍ଥିତିକୁ ଦୃଷ୍ଟିରେ ରଖି କେନ୍ଦୁଝର ପାଟରାଣୀଙ୍କ ପକ୍ଷ ପ୍ରତ୍ୟାହାର କରିନେଲେ। ସେ କୌଶଳ କ୍ରମେ ବୃନ୍ଦାବନ ଭଞ୍ଜଙ୍କୁ ଗିରଫ କରି ରଖିଲେ। ଏହାପରେ ଇଂରେଜମାନେ କୁଟିଳ ବୁଦ୍ଧି ପ୍ରୟୋଗ କରି ପାଲ୍‌ଲହଡ଼ା, ବଣେଇ ଓ ଢେଙ୍କାନାଳ ରାଜାଙ୍କୁ ପକ୍ଷଭୁକ୍ତ କଲେ। ଏଥିସହିତ ଛୋଟନାଗପୁରରୁ ଅଧିକ ସଂଖ୍ୟକ ସୈନ୍ୟ ମଗାଇ ଇଂରେଜମାନେ ଆରମ୍ଭ କରିଥିଲେ ଦମନଲୀଳା। ବିଦ୍ରୋହୀଙ୍କର ଘରରେ ଅଗ୍ନିସଂଯୋଗ କରି ସେଗୁଡ଼ିକୁ ଭସ୍ମୀଭୂତ କରିଦିଆଗଲା। ବାସ୍ତବପକ୍ଷେ ଦୀର୍ଘଦିନ

ଧନୁଶର ଧରି ସଂଗ୍ରାମ କରୁଥିବ । କ୍ଳାନ୍ତ-ଶ୍ରାନ୍ତ ବିଦ୍ରୋହୀ ଭୂୟାଁମାନେ ବହୁ ଅସ୍ତ୍ରରେ ସୁସଜ୍ଜିତ ଇଂରେଜ ସୈନ୍ୟବାହିନୀ ସମ୍ମୁଖରେ କେତେ ଦିନ ଠିଆ ହୋଇପାରି ଥାଆନ୍ତେ। ପୁନଶ୍ଚ, ଇଂରେଜମାନଙ୍କୁ ସହାୟତା ଦେଇଥିଲେ ବଣାଇ, ପାଲ୍‌ଲହଡ଼ା, ଢେଙ୍କାନାଳ ଓ ମୟୂରଭଂଜର ରାଜାମାନେ। ଏପରି ସ୍ଥଳେ ଭୂୟାଁ ସର୍ଦ୍ଦାରମାନେ ଆତ୍ମସମର୍ପଣ କରିବାକୁ ବାଧ ହୋଇଥିଲେ। ଅବଶ୍ୟ ସେଦିନ ସେମାନଙ୍କ ମଧ୍ୟରେ ରତ୍ନା ନାୟକ ଓ ନନ୍ଦ ନାୟକ ନଥିଲେ। ଏମାନେ କୌଶଳ କ୍ରମେ ଖସି ପଳାଇଥିଲେ। ମାତ୍ର ଅଗଷ୍ଟ ୧୫ ତାରିଖ ଦିନ ରତ୍ନା ନାୟକଙ୍କୁ ପାଲଲହଡ଼ା ରାଜା ଓ ନନ୍ଦ ନାୟକଙ୍କ ବନ୍ଦୀ ପରେ ଭୂୟାଁ ବିଦ୍ରୋହ ପ୍ରଶମିତ ହୋଇଗଲା। ଅଗଷ୍ଟ ମାସ ଶେଷ ଆଡ଼କୁ ସବୁ ବିଦ୍ରୋହୀ ସର୍ଦ୍ଦାରଙ୍କୁ ଇଂରେଜମାନେ ଧରି ନେଇ ବନ୍ଦୀ କରିନେଲେ।

ଏହା ପରେ ଆରମ୍ଭ ହୋଇଥିଲା ବିଦ୍ରୋହୀମାନଙ୍କର ବିଚାରପର୍ବ। ରାଣୀ ବିଷ୍ଣୁପ୍ରିୟାଙ୍କୁ କଟକକୁ ପଠାଗଲା। ଟି.ଇ. ରେଭେନ୍‌ସା ମୋଟ ୧୮୩ ବନ୍ଦୀଙ୍କର ବିଚାର କରି ରତ୍ନା ନାୟକ, ନନ୍ଦ ନାୟକ, ପଦ୍ମ ନାୟକ, ଦଶରଥ କୁଅଁର, ଟୁନି ପ୍ରଧାନ, ବୈରାଗୀ କୋଲ, ବୈକୁଣ୍ଠ କୋଲ ଓ ମାର୍ଗଶିରୀ କୋଲଙ୍କୁ ପ୍ରାଣଦଣ୍ଡରେ ଦଣ୍ଡିତ କରିବା ସଙ୍ଗେ ସଙ୍ଗେ ୨୭ ଜଣଙ୍କୁ ଯାବଜ୍ଜୀବନ ଦ୍ୱୀପାନ୍ତର ଓ ଅନ୍ୟମାନଙ୍କୁ କାରାଦଣ୍ଡରେ ଦଣ୍ଡିତ କରିଥିଲେ।

ଏହା ହେଉଛି ରତ୍ନା ନାୟକ ଓ ତାଙ୍କ ମେଳିର ରୋମାଞ୍ଚକର କାହାଣୀ। ଯଦି ମୟୂରଭଂଜ ରାଜା ମତ ପରିବର୍ତ୍ତନ କରି ନଥାଆନ୍ତେ, କି ପଡ଼ୋଶୀ ରାଜ୍ୟର ରାଜାମାନେ ଇଂରେଜମାନଙ୍କୁ ସହାୟତା ଦେଇ ନ ଥାଆନ୍ତେ, ତେବେ ରତ୍ନା ନାୟକ ଯେ ଓଡ଼ିଶାରେ ଇଂରେଜ ଶାସନର ସ୍ଥିତିକୁ ଦୋହଲାଇ ଦେଇଥାଆନ୍ତେ, ଏଥିରେ ସନ୍ଦେହ ନାହିଁ।

ଭୂୟାଁ ଜାତି ତଥା ସମାଜର ନେତୃତ୍ୱ ନେଉଥିବାରୁ ସର୍ଦ୍ଦାର ରତ୍ନା ନାୟକ ୧୮୬୮ ନଭେମ୍ବର ୩୦ ତାରିଖରେ ଫାଶୀ ଦଣ୍ଡରେ ଦଣ୍ଡିତ ହେଲେ। ମାତ୍ର

୪୮ ବର୍ଷ ବୟସରେ ସେ ଶହୀଦ୍ ହୋଇ ଭୁୟାଁ ଜାତି ଓ ପରମ୍ପରାର ଆଦର୍ଶ ହୋଇରହିଗଲେ। ଏହି ବୀର ପୁରୁଷଙ୍କର ବିଚାର କରିଥିଲେ ବିଦେଶୀ ଶାସକ ରେଭେନ୍‌ସା ସାହେବ, ଯିଏ ଏହି ବିଦ୍ରୋହ ଦମନର ପ୍ରମୁଖ ନାୟକ ସାଜିଥିଲେ। ଅଧିକାଂଶ ରାଜ୍ୟରେ ଅନେକ ସ୍ୱାଭିମାନ ଓ ସ୍ୱାଧୀନ ଚେତା ବ୍ୟକ୍ତି। ଇଂରେଜ ବିରୁଦ୍ଧରେ ଲଢ଼ି ନିଜ ପରିଚିତିକୁ ସାକାର କରିବାକୁ ଯାଇ ଅନେକ ଶହୀଦ୍ ହୋଇଛନ୍ତି। ସେହିପରି ସ୍ୱାଧୀନତା ସଂଗ୍ରାମର ପ୍ରାକ୍ କାଳରେ ଆଦିବାସୀ ଭୁୟାଁ, ସାନ୍ତାଳ, କୋହ୍ଲ, ମୁଣ୍ଡା, ଜୁଆଙ୍ଗ ଆହୁରି ଅନେକ ଫାଶୀ ପାଇ ଦଣ୍ଡିତ ହୋଇଛନ୍ତି। ରତ୍ନା ନାୟକ ଫାଶୀ ପାଇଲା ପରେ ମଧ୍ୟ ତାଙ୍କର ଆଦର୍ଶ, ତାଙ୍କ ତ୍ୟାଗ, ତାଙ୍କ ବାଣୀ, ତାଙ୍କ ସ୍ୱାଭିମାନ ଭୁୟାଁ ଜାତିକୁ ପଥ ପ୍ରଦର୍ଶନ ଦେଇ ଆସିଛି।

ଗହନ ଅରଣ୍ୟାନୀ ମଧ୍ୟରେ ବାସ କରୁଥିବା ଗୋଟିଏ ସ୍ୱାଧୀନ ଚେତା ବ୍ୟକ୍ତି – ଇଂରେଜୀ ଶାସନ ତନ୍ତ୍ରର ଇଚ୍ଛା ବିରୁଦ୍ଧରେ ରାଜ୍ୟର ସ୍ୱାର୍ଥରକ୍ଷା ପାଇଁ ପ୍ରଥମ କରି ଯେଉଁ ସ୍ୱର ଉତ୍ତୋଳନ କରିଥିଲା ତାର ସୂଚନା ଇତିହାସରୁ ମିଳେ ନାହିଁ। ରାଜତନ୍ତ୍ରର କୃତି ସଂପର୍କରେ ବହୁ ପୂର୍ବରୁ ଘଟଣା ପଞ୍ଜୀକରଣ କରିବା ବିଧି ଥିଲା। ମାତ୍ର ଇଂରେଜମାନଙ୍କ ଓଡ଼ିଶା ଅଧିକାର ପରେ ଏହି ରୀତିର ଗୁରୁତ୍ୱ ଉପଲବ୍ଧ କରାଯାଇଥିଲା।

ମାତ୍ର ଓଡ଼ିଶାର ଏହିଭଳି ଜନସ୍ୱାର୍ଥ ରକ୍ଷାକାରୀ ବ୍ୟକ୍ତିର ଉତ୍ସର୍ଗକୁ ଏପରି ଗୁରୁତ୍ୱର ସହିତ କେହି ଗ୍ରହଣ କରିନଥିଲେ।

**ଅନୁଶୀଳନ :**

ଭଞ୍ଜୀୟ ଶାସନରେ ରାଜ୍ୟରେ ଗଣ ଦରବାର ଗଠିତ ହୋଇ ସମଗ୍ର ରାଜ୍ୟରେ ବସବାସ କରୁଥିବା ବିଭିନ୍ନ ଜାତି ଏବଂ ଗୋଷ୍ଠୀ ଏକତ୍ର ବସି ରାଜାଙ୍କ ନେତୃତ୍ୱରେ ଗୋଷ୍ଠୀଗତ ବା ଜାତିଗତ ସମସ୍ୟା ସମାଧାନ ସହ ସମନ୍ୱୟ ଓ ସୁ ସଂପର୍କ ସ୍ଥାପନ କରିବା ଏକ ବିଧି ଥିଲା। ତେବେ ଇଂରେଜ ଅଧିନ ଉପରାନ୍ତ

ଅମଲାତନ୍ତ୍ରର ପ୍ରାର୍ଦୁଭାବ ଓ ଅତ୍ୟାଚାର ରାଜା-ପ୍ରଜା ସଂପର୍କରେ ଫାଟ ସୃଷ୍ଟି କରାଇଥିଲା ଓ ଆଭ୍ୟନ୍ତରୀଣ ଅସନ୍ତୋଷର କାୟା ମେଲାଇ ଚାଲିଥିଲା। ତାହା ସହିତ ଇଷ୍ଟ ଇଣ୍ଡିଆ କଂପାନୀ ପ୍ରସ୍ତାବ ଅନୁଯାୟୀ ସନ୍ ୧୮୨୭ରେ ସେ ସମ୍ବଲପୁରରୁ କେନ୍ଦୁଝର ରାଜ୍ୟ ନେଇ ମେଦିନୀପୁର ଯାଏ ପ୍ରସ୍ତାବିତ ରାଜପଥ (ବର୍ତ୍ତମାନ ଜାତୀୟ ରାଜପଥ ନଂ-୬) ନିର୍ମାଣ ପାଇଁ ଅନୁମତି ନେଇଥିଲେ, ଏହା କାର୍ଯ୍ୟକାରୀ ହୋଇଥିଲେ ରାଜ୍ୟର ରୂପରେଖ ଅନ୍ୟ ରୂପ ଧାରଣ କରିଥାଆନ୍ତା।

ସନ୍ ୧୮୪୮ ମସିହାରେ ଗଦାଧର ନାରାୟଣ ଭଞ୍ଜଙ୍କ ଶାସନ କାଳରେ ଅନ୍ୟାୟ-ଅତ୍ୟାଚାର, ବେଠି-ବେଗାରୀ, ଭେଟି, ଆଦି ବିରୁଦ୍ଧରେ ଜନ ଜାଗରଣ ସୃଷ୍ଟି ହୋଇଥିଲା। ଏପରିକି ରତ୍ନା ନାୟକ ତିନିଦିନ କାରାରୁଦ୍ଧ ହୋଇଥିଲେ। ଯଦି ଉଭୟ ଦରବାର ଏବଂ ଇଷ୍ଟ ଇଣ୍ଡିଆ କଂପାନୀ ୧୮୪୮ ମସିହାରୁ ଏହି ଜନଜାଗରଣର କାରଣ ଅନୁସନ୍ଧାନ କରି ତାହାର ପ୍ରତିକାର ବ୍ୟବସ୍ଥା କରିଥାନ୍ତେ, ତେବେ ୧୮୬୮ ମସିହାରେ ଏହା ପୁଞ୍ଜିଭୂତ ହୋଇନଥାନ୍ତା ଏବଂ ରାଜ ଅଭିଷେକ ବିବାଦ (ଉତ୍ତରାଧିକାରୀ) ଉଠି ନଥାନ୍ତା। ଆଦିବାସୀ ଏବଂ ଭୂୟାଁମାନଙ୍କର ଏହି ନୈତିକ ଆନ୍ଦୋଳନ ସମୟରେ ରାଜକର୍ମଚାରୀମାନଙ୍କର ବିଳାସବ୍ୟସନଯୁକ୍ତ ଗସ୍ତ ଭୂୟାଁମାନଙ୍କର ନିଆଁରେ ଘୃତ ଢାଳିଲା ଭଳି ହୋଇଥିଲା।

ପ୍ରଜାର ଖଜଣା ଦେବାର ସୀମା ନଥିଲା। କର୍ମଚାରୀଙ୍କ ନେବାର ସୀମା ନଥିଲା। ସାହେବଙ୍କ କୁକୁର ପାଇଁ ଘିଅ, କୁକୁର ବର୍ତ୍ତନ ସଫା ନିମନ୍ତେ ଲହୁଣୀ ଆଦାୟ ତ ମାମୁଲି ଘଟଣା ଏବଂ ଠେଙ୍ଗାବାଡ଼ି ନିତିଦିନିଆ ଘଟଣା ହୋଇଯାଇଥିଲା।

ଏହି ସବୁ ଘଟଣା, ସରଳ, ନିଷ୍କପଟ ଓ ପରମ୍ପରା ବିଶ୍ୱାସୀ ଭୂୟାଁମାନଙ୍କୁ ଗଭୀର ଭାବରେ ମର୍ମାହତ କରିଥିଲା। ରାଜପରିବାର ସହ ଏମାନଙ୍କ ପ୍ରତ୍ୟକ୍ଷ ସଂପର୍କ ଏମାନଙ୍କୁ ନିସ୍ୱାର୍ଥପର କରିଥିଲା। ଫଳତଃ ଦିନ ପ୍ରତିଦିନ ଏମାନେ

ନିସ୍ୱଃ ଏବଂ ସର୍ବହରା ହେଉଥିଲେ ମଧ୍ୟ ରାଜା ଅଭିଷେକ ସମୟରେ ଏମାନଙ୍କ ଦାୟିତ୍ୱ ଏମାନଙ୍କୁ ବିପ୍ଲବର ପରିପନ୍ଥୀ କରିଥିଲା । ମାତ୍ର ସ୍ୱାଭିମାନ ଉପରେ ଆଞ୍ଚ ଆସିବା ଏବଂ ସେମାନଙ୍କ ଉପରେ ଖଜଣା ବୋଝର ପାହାଡ଼ ଲଦି ଦେବା ଏମାନଙ୍କୁ ବିପ୍ଳବୀ ସଜାଇଲା ।

ତତ୍କାଳୀନ ଯେ କୌଣସି ଜନ ଆନ୍ଦୋଳନର ମୂଳରେ ଥିଲା ପ୍ରଜା ଅସନ୍ତୋଷ ଏବଂ ରାଜାନୁଗ୍ରହରୁ ବଞ୍ଚିତ କେତେ ନିଃସ୍ୱାର୍ଥପର ବ୍ୟକ୍ତିଙ୍କ ଆନ୍ଦୋଳନ । ପ୍ରକାରାନ୍ତରେ ସମସ୍ତେ ନୂତନ ସିଦ୍ଧାନ୍ତ ପ୍ରତି ପରିଚିତ ହେଉ ନଥିଲେ ଏବଂ ସେହି ସିଦ୍ଧାନ୍ତଗୁଡ଼ିକ ସେମାନଙ୍କ ଉପରେ ଯୋର ଜବରଦସ୍ତ ଲଦି ଦିଆଯାଉଥିଲା । ତେଣୁ ପ୍ରଥା ବିରୁଦ୍ଧରେ ଆନ୍ଦୋଳନ ଜାଗିବା ସ୍ୱାଭାବିକ ହେଉଥିଲା । ଆନ୍ଦୋଳନ ପଛରେ ନେତୃବୃନ୍ଦଙ୍କର କୌଣସି ସ୍ୱାର୍ଥ ରହୁ ନଥିଲା । ଏଣୁ ଏମାନେ ଚକ୍ରାନ୍ତର ଶିକାର ହେଉଥିଲେ । ଏହାର ପରିଣାମ ସ୍ୱରୂପ ସେମାନଙ୍କୁ ଫାଶୀ, ଯାବଦ୍‌ଜୀବନ କାରଦଣ୍ଡ, ଦେଶାନ୍ତର ପ୍ରଭୃତି ଅସୁମାରୀ ଦଣ୍ଡ ବୋହିବା ପାଇଁ ପଡୁଥିଲା । ଯେଉଁମାନେ ବି କିଞ୍ଚିତ୍ ଛାଡ଼ ପାଉଥିଲେ ସେମାନଙ୍କୁ ବସ୍ତୁତଃ ପଙ୍ଗୁ କରି ଦିଆଯାଉଥିଲା । ଫଳତଃ ପରବର୍ତ୍ତୀ ସମୟରେ ସେମାନେ ନିଃସହାୟ ହୋଇ ପଡୁଥିଲେ । ଜାତି ପାଇଁ, ଦେଶ ପାଇଁ ସେବାର ପରିଣତି ଥିଲା ଏହିପରି । ତଥାପି ସେମାନେ ଶହୀଦ, ସେମାନେ ନମସ୍ୟ, ସେମାନେ ଜାତିସ୍ମର ଏବଂ ଆଗାମୀ ଉତ୍ତର ପୀଢ଼ି ପାଇଁ ସେମାନେ ଜଣେ ଜଣେ ସାର୍ଥକ ଉଦାହରଣ ।

ରତ୍ନା ନାୟକ କର୍ତ୍ତୃକ ଆନ୍ଦୋଳନ ସିନା ବନ୍ଦ ହୋଇଗଲା; ରତ୍ନା ନାୟକ ଫାଶୀ ପାଇଲେ, ଅନ୍ୟ ନେତାମାନଙ୍କୁ ସମତୁଲ୍ୟ ଦଣ୍ଡବିଧାନ କରାଗଲା; ତଥାପି ପ୍ରଜା ଆନ୍ଦୋଳନ ସାମୟିକ ଥମି ଯାଇ ଧରଣୀଧରଙ୍କ ଅଭ୍ୟୁତ୍ଥାନ ପରେ ସେହି ଆନ୍ଦୋଳନ ପୁନର୍ଜୀବନ ଲାଭ କରିଥିଲା ଏବଂ ଧରଣୀଧରଙ୍କୁ ମିଳିଥିଲା ଆପାତତଃ ଭୂୟାଁ ମେଳୀ ଇତିହାସର ଶେଷ ମେଳି, ଯାହା ଇଂରେଜ ଓ କେନ୍ଦୁଝର ରାଜତନ୍ତ୍ରକୁ ଦୋହଲାଇ ଦେଇଥିଲେ ।

୧୮୪୮ରୁ ୧୮୬୮ ପର୍ଯ୍ୟନ୍ତ ସ୍ୱର୍ଗତ ରତ୍ନା ନାୟକଙ୍କ ନେତୃତ୍ୱରେ ଭୂୟାଁ ପ୍ରଜାମେଳି ଜାତୀୟ ଚେତନାର ଏକ ଗୌରବ ଗାଥାର ଉଜ୍ଜ୍ୱଳ ସ୍ୱାକ୍ଷର ଅନ୍ୟମାନଙ୍କ ସହ ରତ୍ନା ନାୟକଙ୍କ ଫାଶୀକୁ ଯିଏ ଯେଉଁ ଦୃଷ୍ଟିକୋଣରେ ବିଚାର କରୁନା କାହିଁକି ସେ ଭଞ୍ଜବଂଶର ଚିରାଚରିତ ପ୍ରଥାର ବ୍ୟତିକ୍ରମ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ଭୂୟାଁ ତଥା ଆଦିବାସୀମାନଙ୍କର ଉପରେ ଅତ୍ୟାଚାର ବିରୁଦ୍ଧରେ ବିଦ୍ରୋହ କରି ଇଂରେଜ ଶାସନର ମନୋମୁଖୀ ନିର୍ଣ୍ଣୟକୁ ବିରୋଧ କରି ଫାଶି ପାଇଛନ୍ତି। ଯଥାର୍ଥରେ ଜଣେ ଶହୀଦ, ତାଙ୍କ ଆଦର୍ଶ କେବଳ ଭୂୟାଁ ସମାଜକୁ ନୁହେଁ ଅନ୍ୟମାନଙ୍କ ପ୍ରତି ମଧ୍ୟ ଆଦର୍ଶ ହୋଇ ରହିବ ଏଥିରେ ଦ୍ୱିମତ ନାହିଁ।

□□